# ପିଲାଙ୍କ କଥା
# (ଗଦବା)



# ପିଲାଙ୍କ କଥା (ଗଦବା)

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**


ନିର୍ଦ୍ଦେଶକ
**ପ୍ରଫେସର ଅଖିଳ ବିହାରୀ ଓତା**

ପ୍ରସ୍ତୁତି
**ଗଦବା ସଂସାଧକ ମଣ୍ଡଳୀ**
**ଧନୁ ମୁଦୁଲି**
**ମନୋରଞ୍ଜନ ମୁଦୁଲି**

ସଂଯୋଜନା
**ଡ଼ଃ ପରମାନନ୍ଦ ପଟେଲ**

ଅଳଙ୍କରଣ
**ପ୍ରିୟରଞ୍ଜନ ବରାଳ**

ପ୍ରକାଶକ
**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

Director :
**Prof. (Dr.) A.B. Ota**

Prepared by :
**Gadaba Resource Group**
**Dhanu Muduli**
**Manaranjan Muduli**

Co-ordinator :
**Dr. Paramananda Patel**

Illustration :
**Priyaranjan Baral**

Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ ଗଦବା ଭାଷାର ସନ୍ନିବିଷ୍ଟ କାହାଣୀ ଗୁଡ଼ିକର ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# କାଣି କୁନି ଲାୟ୍ ଦଇବ ସାକା (କାଣି ବୁଢ଼ୀକୁ ଦଇବ ସାହା)

କୁନି' ଉନ୍‌ଡ଼ାମ୍ ଡୁଗୁନେନ୍ । ଅମାୟ ନେନୁ ତିନ୍‌ଟା ଅଡୁଅନ୍ । କୁନି' ଲାୟ ମ' ତୁନଲ୍ ଉରା ଡୁଗୁ । ଉଂଡ଼ାମ୍ ମଜିଆ ଅ'ଅନ୍ ନୁବ' କୁନି' ମେ'ଏନ୍ ଅଅନ୍ ନୁ ବ' ଡୁଗୁନେନ୍ । ମେ'ଏନ୍ କିମିନ୍ କାଣି କୁନି' ଲାଇ ସସମ୍ ଲାୟ୍ ବେ'ତ । ଦିନେକ୍ ମେଏନ୍ ଅ'ଅନ୍ ନେନୁ ବ' ଗିସିଂ ସିର' ନେନ୍ । ମେଏନ୍ କିମିନ୍ ସବୁ ଲୋକ ଲାୟ୍ ଗିସିଂ ସେଲି ମା' ବେଡ଼୍ । କାଣି କୁନି' ଲାୟ ବେଂଟି ଗୁଲା ଗୁଲା ଗାୟ୍‌ସ' ସୁ ରିଂଗୁ ବେଡ଼୍' । କାଣି କୁନି' ମା' ଉଗେ ଜୁଅ ସୁ । ମନେ ମନେ ଏତା ଏନୁ ମାଂଟା ଆଲେ ଅ'ଅନ୍ ନେନ୍ ଲାୟ୍ ଅବ୍‌ସେଇ ତୁନିଂ ଡ଼ିଅ । ଆର୍‌କ ଦିନେ ଅଂଜିରଏଲ୍ ତିନ୍ ବାଇ ଦାତନ୍ ଅବବ୍ ଲାୟ୍ ତୁର୍‌ଗୁ ନେନ୍ । କୁନି' ଆନ୍‌ମାନ୍ ଡେମ' ଡୁଗୁ, ତିନ୍ ବାଇ ଲାୟ୍ ଜାକ ଆୟ୍‌ସୁ ।



ଦୁଇ ବୁଢ଼ାବୁଢ଼ୀ ଥିଲେ ସେମାନଙ୍କର ତିନୋଟି ପୁଅ ଥିଲେ । ବୁଢ଼ୀର ଆଖିକୁ ଦେଖାଯାଉ ନ ଥାଏ । ବୁଢ଼ା ମଝିଆ ପୁଅ ପାଖରେ ଓ ବୁଢ଼ୀ ସାନ ପୁଅ ପାଖରେ ରହୁଥିଲେ । ସାନବୋହୂ ଅନ୍ଧୁଣୀ ବୁଢ଼ୀକୁ ଖାଇବାକୁ ଦିଏ । ଦିନେ ସାନ ପିଲାଙ୍କ ଘରେ କୁକୁଡ଼ା ପୋଡ଼ିଲେ । ସାନବୋହୂ କୁକୁଡ଼ା ମାଂସ ଖାଇବାକୁ ଦେଲା ହେଲେ ବୁଢ଼ୀକୁ ସାନ ସାନ ବେଙ୍ଗ ତରକାରୀ କରି ଦେଲା । ଅନ୍ଧୁଣୀ ବୁଢ଼ୀ ତରକାରୀକୁ ହାତରେ ଛୁଇଁ ଦେଖିଲା ଓ ମନେ ମନେ ଚିନ୍ତା କଲା ଏହା କି ତରକାରୀ ? ହଉ ପୁଅମାନଙ୍କୁ ଦେଖାଇ ଦେଖେ । ତା'ପରଦିନ ତିନି ଭାଇ ଦାନ୍ତ ଘଷିବାକୁ ଘରୁ ବାହାରିଲେ । ବୁଢ଼ୀ ଅନୁମାନ କରି ତିନି ଭାଇଙ୍କୁ ହିଁ ଡାକିଲା–

"ଏ ବବ' ମଡ଼ ଡ଼ିଅ' ଆତ ଗଡ଼ । ଏ ବବ ମଜିଆ ଲାମ୍ ଲେଂଜିଆ ।
ଏ ବବ କାଡ୍ଡୁଆନି ମୁଷା କାନି । ତିନ୍ ଲକ ଜାକ ଉଲ ନେନ୍ ।"

ତିନ୍ ବାଇ ଜାକ ଅଆଁ ସୁ ଇୟଁ ମାଂ ଡେମ୍ ଆୟ' ନି ଡ଼ିଅ ଉଜି ନେନ୍ । କୁନି' ତିନ୍ ବାଇ ଲାୟ ମା' ରିଂଅଁ ସୁ ବେଡ଼' ମିଅଁ ସୁନ "ବବ ନେନ୍, ତୁଗଲ୍ ନୁ ସେଲି ମା' ଆର୍ ସମ୍ତ ନିଂ ତିନ୍ ବାଇ ତେର' ସମ' ବେ' ନେନ୍ ।" ତିନ୍ ବାଇ ଜାକ ଜୁଅ ନେନ୍ । କୁନି' ଲାୟ୍ ବେଂଟି ଗାୟ୍ସ' ସୁ ବେଡ଼' ଡ୍ଡୁତୁ ନେନ୍ । ଏମ୍। ତାର୍ ଡେମ' ଇୟଂ ଲାୟ୍ ମାଂ ମାଂ ଟା ବେଡ଼' ସୁ ଅବ୍ଗୟ୍' ସୁଂତୁ ନେନ୍ ଡ଼ିଅ' ଆନି ଏଲ ନୁ ଜାଗା ମାଟି ବ' ରିଂଗୁ କୁଡ଼ିଆ ମର' ଡେମ' ବେଡ଼' ନେନ୍ । ମିଅ' ସସମ୍ ଇଡି' ଲାୟ୍ ରିଂଗୁ ବେବେ' ଡ୍ଡୁଗୁ ନେନ୍ ।



"ଏ ବାବୁ ବଡ଼ କଥାରେ ଟଡ଼ ଟଡ଼ ଏ ବାବୁ ମଝିଆ ଲମ୍ବା ଲାଞ୍ଜିଆ ଏ ବାବୁ ସାନ ମୂଷା କାନ । ତିନି ଜଣ ଯାକ ଏଠାରେ ଆସ" ।

ବୁଢ଼ୀର କଥା ଶୁଣି ତିନି ଭାଇ ଯାକ ଯାଇ କାହିଁକି ମାଁ ଡାକିଲ ବୋଲି କହିଲେ । ବୁଢ଼ୀ ତିନି ଭାଇଙ୍କୁ ତରକାରୀ ଆଣି ଦେଲା ଆଉ କହିଲା "ବାବୁରେ ରାତିରେ ମାଂସ ତରକାରୀ ଖାଇଲି ନାହିଁ ତିନି ଭାଇ ବାଣ୍ଟି ଖାଇଦିଅ" । ତିନି ଭାଇ ଯାକ ଦେଖିଲେ ବୁଢ଼ୀକୁ ବେଙ୍ଗ ତରକାରୀ କରି ଦେଇଛନ୍ତି । ଏହି ଭଳି ବୁଢ଼ୀକୁ କ'ଣ କ'ଣ ଖାଇବାକୁ ଦେଇ ମାରିଦେବେ ବୋଲି ପୂର୍ବ କାଳରୁ ଥିବା ତାଙ୍କ ଜମିରେ ଗୋଟିଏ କୁଡ଼ିଆ କରିଦେଲେ ଓ ଖାଇବା ପିଇବା ସେଠାରେ ନେଇ ଦେବାକୁ ଲାଗିଲେ ।

ମୁସନ୍ ତୁକୁରୁଂଗ୍ ଡିକେ ବରମା, ବିସନୁ, ମଏସର ନର୍ ରୁପ ସବ'ସୁ ଉଜି' ନେନ୍ । କୁନି' ବୁଇ ଲାଗା ଚେକେୟ୍ ତୁଗୁ । ମାପ୍ରୁ ନେନ୍ କୁନି ଲାୟ୍ ସୁନ ନେନ୍, "ଏ ଇୟଂ ନେୟ୍ ମିଅ' ବୁଇ ସେକେୟ୍ ଲଂଗ୍ ନେୟ୍ ।" କୁନି ସୁନ ଉଲ ନେନ୍ ବବ ସେକେଆନେନ୍ ଡ଼ିଅ । ବୁଇ ସେକେୟ୍ ସେକେୟ୍ ଗୁ ବର୍ମା ସାଲାଡ଼୍, ଏ ଇୟଂ ରୁଅଁ ଆରେନ୍ । କୁନି' ସୁନ' ରୁଅଁ ଲେକ ଅ' ବବ' ରୁଅଁ ମର୍ ଡ଼େଂଗୁନା କେତ୍ କମାନି, ଫଲ, ମୁଲ ଆରେନ୍ ବୁଲୁ ଲଂ । ବିସ୍ନୁ ସାଲାଡ଼୍, ନାନା' ଆରେନ୍ ଇୟଂ, କୁନି' ସୁନ' ନିମାନ ଅ' ବବ, ନାନା' ଉରାନା କେମ୍ତି ବଂଚେୟ ଡେଲଂ । ନାନା ଡେଂଗୁ ନା ସିନା, ବୁଲ୍ତୁ, ପନସ୍, ଜାମ୍ ସବୁ ବୁଲୁଲଂ । ସୁମଲ ସିଂଡ଼ି ଉସର' ବବଂ ଡେଲଂ ଡ଼ିଅ' । ଇସର୍ ସାଲାଡ଼୍, ବର୍ସା ଏରାନ୍ ଇୟଂ' ।



ଦିନେ ସେହି ବାଟ ଦେଇ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଯାଉଥିଲେ । ସେହି ସମୟରେ ବୁଢ଼ୀ ନିଆଁଜାଳି ସେକି ହେଉଥିଲା । ସେହି ତିନି ଠାକୁର ବୁଢ଼ୀ ପାଖକୁ ଯାଇ କହିଲେ , "ମାଁ ଆମେ ମଧ୍ୟ ନିଆଁ ସେକିବୁ" । ବୁଢ଼ୀ କହିଲା "ଆସ ନିଆଁ ସେକ" । ନିଆଁ ସେକି ସେକି ବ୍ରହ୍ମା ପଚାରିଲେ, "ମାଁ ଏ ଶୀତ ହେଲେ ଭଲ କି ଖରାପ" । ବୁଢ଼ୀ କହିଲା, ଶୀତ ହେଲେ ଭଲ ବାବୁ, ଶୀତ ନ ହେଲେ ଚାଷବାସ, ଫଳମୂଳ ଠିକ୍ ହେବ ନାହିଁ । ବିଷ୍ଣୁ ପଚାରିଲେ "ଖରାହେଲେ କେମିତି ମାଁ" ବୁଢ଼ୀ କହିଲା "ଖରା ମଧ୍ୟ ଭଲ ବାବୁ ଖରା ନ ହେଲେ କିପରି ବଂଚି ହେବ । ଖରା ହେଲେ ସିନା ଆମ୍ବ, ପଣସ, ପିଜୁଳି ସବୁ ପାଚିବ । ବିହନ ଫିଅନ ଖରାରେ ଶୁଖାଇ ରଖିହେବ ।"

**ବରସା ସା ଡ଼ଉଲ ଅ’ ବବ । ବରସା ମର୍ ଗିର’ ନା ସୁଲବ୍ ସିଂଡ଼ି, ମା’ ଇଲେ’ ଆରେନ୍ ଡେଲଂ । ଜିବ୍, ଜଂତ୍, ପିଡ଼ିକ୍, ସୁରୟ୍ ଆରେନ୍ ବୁରନ୍ ଲଂଗ୍ ନେନ୍ କି ନାୟ୍ ଆରେନ୍ ବୁରନ୍ଆ ନାୟ୍ । ମାପ୍ରୁ ନେନ୍ କୁନି ନୁ ସାମ ଅଅଁ ସୁ ସାରଦାଗୁ ନେନ୍ । କୁନି ଲାଏ ମେଡ଼୍ ମୁନାଂ କାଂ ଡ଼ିଏନ୍ ଉଜ୍ରା ବେଡ଼’ ସୁ ମ’ କାଣି ନିମାନ୍ ଡେମ’ ବେଡ଼’ ନେନ୍ । କୁନି ସାରଦାଗୁଜି । ମାପ୍ରୁ ନେନ୍ ମାୟାଗୁଜି ନେନ୍ । ଆର୍କ ଦିନେ ତିନ୍ ବାଇ ଲାଇ, ମା’ ସବ’ସୁ ଫିଗୁ ଜୁଅ ନେନ୍ । ମେଡ଼୍ ମୁନାଂ ଡ଼ିଏନ୍ ଜୁଅସୁ କାବାଗୁ ଉଜିନେନ୍ । କୁନି ଲାୟ୍, ଲାୟ ଡ଼ର’ ସୁଅଁ କି ଆରେନ୍ ଆଲେ ଡ଼ିଅ ନେନ୍ । କୁନି’, ତିନି ବାଇ ପୁଲାୟ୍ ଆୟ’ । ତିନ୍ ବାଇ ଜୁଅ’ସୁ ସାର୍ଦା ଗୁଇଜି’ ନେନ୍ । କିମିନ୍ ନେନ୍ ଲାଇ ଆୟ’ ଅବ୍ସେୟ’ ନେନ୍ ।**



ଈଶ୍ୱର ମହେଶ୍ୱର ପଚାରିଲେ “ବର୍ଷା ହେଲେ କେମିତି ମାଁ” “ବର୍ଷା ମଧ ଭଲ ବାବୁ ବର୍ଷା ନ ହେଲେ ଗଛପତ୍ର, ପନିପରିବା କେମିତି ହେବ । ଜୀବଜନ୍ତୁ, ଚଢ଼େଇମାନେ କିପରି ବଂଚିବେ କି ଆମେ ମଧ କିପରି ବଂଚିବା”। ତିନି ଠାକୁର ବୁଢ଼ୀର କଥା ଶୁଣି ଖୁସି ହୋଇଗଲେ । ବୁଢ଼ୀକୁ ଗୋଟିଏ ମହଲ ପରି ଘର ତିଆରି କରିଦେଲେ ଓ ତା’ର ଆଖି ମଧ ଭଲ ହୋଇଗଲା । ବୁଢ଼ୀ ଏହା ଦେଖି ବଡ଼ ଖୁସି ହୋଇଗଲା ଓ ଠାକୁରମାନେ ମଧ୍ୟ ସେଠାରୁ ଉଭାନ ହୋଇଗଲେ । ପରଦିନ ତିନିଭାଇ ଭାତ ତରକାରୀ ଧରି ଆସିଲେ ମହଲ ପରି ଘରକୁ ଦେଖି ଛାନିଆ ହୋଇଗଲେ । ଭାବିଲେ ବୁଢ଼ୀକୁ କିଏ ମାରି ପକାଇଛନ୍ତି ନା କ’ଣ । ବୁଢ଼ୀ ତିନି ଭାଇଙ୍କୁ ଡାକିଲା, ତିନି ଭାଇ ଏସବୁ ଦେଖି ଖୁସି ହୋଇଗଲେ ।

ମେ’ଏନ୍ କିମିନ୍ ମନେ ମନେ ଏତା’, ନିଂନୁ ଇୟଂ ସା ଏମ୍ତାରି କାନି ଗୁନା ନିମାନ୍ ଡେଲଂ ୟାଂ ଡ଼ିଅ’ । ଦାପେ ଇୟଂ ଡେଇ ନୁ ବ ଉଜି’ ବୁୟାଂ ଡେଇ ନେନ୍ ଲାୟ ସୁନ । କୁନି’ ଲାଇ ତିନ୍ଟା ସୁଜି ରିଅଁ ମ ବ ବୁସେ କାଣି ଡେମ’ ବେଡ଼’ ନେନ୍ । ଉଂଗମ୍ ମୁଂଡେ କୁଡ଼ିଆ ଡେମ ତୁନ’ ବଅଁ ନେନ୍ । କୁନି ସୁଅଁଲ୍ ଲାଗାସୁ ବୁଇ ସେକେଇ୍ ଡୁଗୁ । ବରମା, ବିସ୍ନୁ,  ମଏସର ଉଡ଼ିକେ ପିଂଗୁ ନେନ୍ । କୁନି ଲାୟ୍ ଜୁଅ ସୁ ସାଲାଡ଼’ ନେନ୍, ଏ ଇୟଂ ନେୟ୍ ମିଅଁ ବୁଇ ସେକେୟ୍ ଲଂଶ ନେୟ୍ । କୁନି ରିସାଗୁସୁ ସୁନ’ ପେନ୍ ଲାୟ୍ରେ ଟୁରା ନେନ୍ । ନିଂ ଆରେନ୍ ଡେଲଂ ଡ଼ିଡ଼ି ଡୁଗୁନା ସାଲା ପେନ୍ ଡୁତୁ ।



ବୁଢ଼ୀର ବୋହୂ ମାନଙ୍କୁ ଆଣି ଦେଖାଇଲେ । ସାନବୋହୂ ମନେ ମନେ ଚିନ୍ତା କଲା ମୋ ମାଁ ମଧ୍ୟ ଏହିପରି ଅନ୍ଧୁଣୀ ହୋଇଥିଲେ ଭଲ ହୋଇଥାନ୍ତା । ଶୀଘ୍ର ଯାଇ ତା ମାଁ ଓ ଭାଇମାନଙ୍କୁ କହିଲା । ବୁଢ଼ୀକୁ ଗୋଟିଏ ମୁନିଆ ଛୁଞ୍ଚ ଆଖିରେ ଫୋଡ଼ି ଦେଇ ଅନ୍ଧୁଣୀ କରିଦେଲେ । ଗାଁ ମୁଣ୍ଡରେ ଗୋଟିଏ କୁଡ଼ିଆ କରିଦେଲେ । ବୁଢ଼ୀ ବାଟରେ ନିଆଁ ଜାଳି ସେକୁଥିଲା । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ସେହି  ବାଟରେ ଗଲେ । ବୁଢ଼ୀକୁ ଦେଖି ପଚାରିଲେ, “ଏ ମାଁ ଆମେ ମଧ୍ୟ ନିଆଁ ସେକିବୁ”। ବୁଢ଼ୀ ରାଗିଯାଇ କହିଲା ତୁମେ ସବୁ କିଏରେ ଛେଉଣ୍ଡମାନେ । ମୁଁ କେମିତି ହେବି ବୋଲି ଭାବୁଥିଲେ ପଚାରୁଛ ।

**ବର୍‌ମା, ବିସ୍‌ନୁ, ମଏସର୍, ମୁଂଡ଼ିଗୁ ବୁଇ ସେକେୟ୍ ଗୁନେ । କୁନି ଲାୟ୍ ସଲାଡ଼୍ ନେନ୍ । ଏ ଇୟଂ ରୁଅଂ ଏରାନ୍ କୁନି' ସୁନ' ରୁଅଁ ଡୁର୍‌କା ମୁନାଂ, ଡ଼ାଲ୍‌ଗୁ ପିଗ୍‌ତ । ଯେତେକ୍ ପାଟାଇ୍ ଟୁଟାଇ୍ ଡ଼ାଲଗୁ ନାସା ରୁଅଁ ଲାୟ୍ ବୁତଂ ଅ । ନାନା ଏରାନ୍ ଡ଼ିଅ, ବିସ୍‌ନୁ ସାଲାଡ଼୍ । କୁନି ରିସାଗୁ ସୁନ, ନାନା, ସାରୁ କାନ୍ଦା ନୁ ନାନା ନେରି ଯାକ ସିଲେଂଡ଼ା, ସମନା', ମର୍ ସମନା' ଦାଉ ଦାଉ । ବଲ ଉରା ଡ଼ିଅ । ମଏସର୍ ସାଲାଡ଼୍ । ବର୍‌ସା ଆରେନ୍, । ବର୍‌ସା ଅଦିକ୍ ବାନିୟା । ସବୁ କୁରୁଂଗ୍ ଡ଼ା କାଦ, ଉଂବ ଉଇ ଆର ଡେମା । କାମ କାବାଡ଼୍ ଡେଡେମ୍ ଆର ଡେମା ଡିଅ' । କୁନି ନୁ ସାମ ଅଅଁ ସୁ ମାପୁରୁ ନେନ୍ ଏ କୁନି ବଲ କାଂ ଆର୍ ଡେମା ଡ଼ିଅ' ସୁ ମଗୁ ଭଜିନେନ୍ କାଣି କୁନି ପାଟ୍‌ଲା କୁଡ଼ିଆ ବ ଇତ ଡୁଗୁ ।**



ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଅପମାନ ହୋଇ ମଧ୍ୟ ନିଆଁ ସେକିଲେ । ବୁଢ଼ୀକୁ ପଚାରିଲେ "ମାଁ ଶୀତ କେମିତି ? ବୁଢ଼ୀ କହିଲା ଶୀତ ବାଘ ଭଳିଆ, ଉପରେ ମାଡ଼ିଆସେ ଯେତେ ଲୁଗାପଟା ଘୋଡ଼େଇଲେ ମଧ୍ୟ ଶୀତ ହୁଏ ।" ଖରା କିପରି ଲାଗେ ବୋଲି ବିଷ୍ଣୁ ପଚାରିଲେ, ବୁଢ଼ୀ ରାଗିଯାଇ କହିଲା "ଖରା କୁଣ୍ଡିଆ ସାରୁ ଭଳିଆ ଖରା ଦେହଯାକ ଝାଳ, ଖାଇଲେ କି ନ ଖାଇଲେ ସବୁବେଳେ ଦାଉ ଦାଉ ଲାଗେ । ଖରା ଠିକ୍ ନାହିଁ । ଖରାକୁ କାମଦାମ କରିହେବ ନାହିଁ ।" ବୁଢ଼ୀର ଏହିପରି କଥା ଶୁଣି ତିନି ଠାକୁର ଏହି ବୁଢ଼ୀ ଠିକ୍ ନାହିଁ ବୋଲି ବର ନ ଦେଇ ସେମିତି ପଳାଇଲେ । ଅନ୍ଧୁଣୀ ବୁଢ଼ୀ ସେହି ଦଦରା କୁଡ଼ିଆରେ ରହିଗଲା ।

# ନିଂ ଜଡେକ୍ ନମ୍ ମିର' (ମୋର ଦୁଇଟା)

ମିର' ଡଂଗମ୍ ବ' କୁନି ଡଂଡ଼ାମ୍ ଡୁଗୁ ନେନ୍ । ଦିନେକ୍ ଡଂଗମ୍ ଲଗେନୁ ଜଲା ବ' ଡଂଡ଼ାମ୍ ଆ'ଡ଼ଂଗ୍ ସସବ୍ ଉଜି । ଜଲା ଡ଼ି କେ ତିନ୍‌ଟା ଗଡ଼୍‌ସି ସବ'ରିଅଁ । ନଂଡ଼ି' ବେଲା ଡଂଡ଼ାମ୍ ସୁନ', ଏ କୁନି', ଉଚଂ ଡୟଂନା ଆ'ଡଂ ଗୁଲା ଗୁଲା ଗାୟ୍‌ସ' ସୁ ଡ଼ୟଁ । କୁନି'ଆ'ଡଁ ମା'ଡ଼ୟଁ ମିଅଁ ଡଂଡ଼ାମ୍ ଲାୟ ସମସ୍ ପୁଲାୟ୍ ଆୟ' । ଆ' ଡଂ ତେତେର୍ ଏଲ୍ ତିନ୍‌ଟା ଆଡଂ ଲାୟ୍ ଆରେନ୍ ଡେମ' ତେର୍ ନାୟ କୁନି' ଡ଼ିଅ । ଡଂଡ଼ାମ୍ ସୁନ', ନିଂ ଆ'ଡଂ ସବ' ରିଅଁ ଡୁତୁ, ନିଂ ଜଡେକ୍ ସମ୍‌ତୁ ଡ଼ିଅ । କୁନି' ସୁନ' ନିଂ କେଡେକ କସ୍‌ଟେ' ମନ୍ ଡେମ' ଡ଼ୟଁ ଡୁତୁ ନିଂ ଜଡେକ୍ ସମ୍‌ତୁ । ଏମ୍ ତାରି ଡେଂଗୁ କୁନି ଡଂଡ଼ାମ୍ କିର ଗୁନେନ୍ ବେଡ଼' ।



ଗୋଟିଏ ଗାଁରେ ବୁଢ଼ାବୁଢ଼ୀ ରହୁଥିଲେ । ଦିନେ ଗାଁ ପାଖ ଝରଣାକୁ ବୁଢ଼ା ମାଛ ଧରିବାକୁ ଗଲା । ଝରଣା ଠାରୁ ତିନୋଟି ଗଡ଼ିସ ମାଛ ଧରି ଆଣିଲା । ସନ୍ଧ୍ୟାବେଳେ ବୁଢ଼ା କହିଲା, "ଏ ବୁଢ଼ୀ ଆଜି ମାଛ ରାନ୍ଧିଲେ ଗୋଟା ଗୋଟା ଛାଣିକି ରାନ୍ଧେ ।" ବୁଢ଼ୀ ରାନ୍ଧିଲା ଏବଂ ବୁଢ଼ାକୁ ଖାଇବା ପାଇଁ ଡାକିଲା । ମାଛ ବାଣ୍ଟିବା ବେଳେ ତିନୋଟି ମାଛକୁ କିପରି ବଣ୍ଟାଯିବ ବୋଲି ବୁଢ଼ୀ କହିଲା ? ବୁଢ଼ା କହିଲା, ମୁଁ ମାଛ ଧରି ଆଣିଛି, ମୁଁ ଦୁଇଟା ଖାଇବି । ବୁଢ଼ୀ କହିଲା, ମୁଁ କେଡ଼େ କଷ୍ଟରେ ମନ ଦେଇ ରାନ୍ଧିଛି ମୁଁ ଦୁଇଟା ଖାଇବି ।

ଉଂଡ଼ାମ୍ ସୁନ’ ଚୁପ୍‌ରେ କୁନି’, ଲାୟ’ ସାର୍ ଲଂ ଗୁନା ମାୟ୍ ମିର’ ଆ’ଡଂଗ୍ ସମ୍ତୁ । ଦୁଇ ଲକ୍ ଯାକ ଚୁପ୍ ଚାପ୍ ଡେଂଗୁ ବେଡ଼’ ନେନ୍ । କାବାଟ୍ ଅସାଡ଼୍’ ବେଡ଼୍’ ନେନ୍ । ଆର୍‌କ ଦିନେ ପାଆର୍‌ଗୁ ସିନା ଲାୟ୍ ସାର୍‌ଲଂ ଉରା’ ନେନ୍ କି କାବାଟ୍ ରୁରୁଗ୍ ଉରା’ ନେନ୍ । ଉଂଗମ୍ ଗୁଲାୟ ନୁ ଲକ୍ ଉଂଡ଼ାମ୍ କୁନି’ ଲାୟ୍ ମାଂ ଡେଂଗୁ ମାଂ ଉରା ଡ଼ିଅ’ ଡାଂଡ଼୍ ବ’ ଲକ୍ ନେନ୍ ଜମେୟ୍ ଗୁନେନ୍ । କୁନି’ ଉଂଡ଼ାମ୍ ଲାୟ୍ ଆୟ’ ଆୟ’ ତାକେୟ୍ ଗୁଜି ନେନ୍ । ସାରା ସାରି ଉଂଗମ୍ ନୁ ଲକ୍ କାବାଟ୍ ଫିଁଗ’ସୁ ଡିଏନ୍‌ବ’ ଗାଇଗୁ ନେନ୍ । ତୁ ବେଲା କୁନି’ ଆଉଲି ଗୁ-ସୁ ସୁନ’ କାପାଟ୍ ଆର୍ ପିଗ’ ନେନ୍ । ଉଂଡ଼ାମ୍ ସୁନ’ ଏ କୁନି ନିଂ ଜଡେକ୍ ଆ’ ଡ଼ଂଗ୍ ସମ୍ତୁ ।



ଏମିତି ବୁଢ଼ାବୁଢ଼ୀ ଦୁଇଜଣ ଝଗଡ଼ା ହୋଇଗଲେ । ବୁଢ଼ା କହିଲା, ଚୁପ୍ ଥାରେ ବୁଢ଼ୀ, ଯିଏ ଆଗ କଥା ହେବ, ସେ ଗୋଟିଏ ମାଛ ଖାଇବ । ଦୁଇଜଣଯାକ ଚୁପ୍ ଚାପ୍ ହୋଇ ରହିଲେ । କବାଟ ବନ୍ଦ କରିଦେଲେ । ଆରଦିନ ସକାଳ ହୋଇଗଲା କିନ୍ତୁ କବାଟ ଖୋଲିଲେ ନାହିଁ । ଗାଁ ସାରା ଲୋକେ ବୁଢ଼ାବୁଢ଼ୀକୁ କ’ଣ ହେଲା କ’ଣ ନାହିଁ ଭାବି ଘର ବାହାରେ ସମସ୍ତେ ଜମା ହୋଇଗଲେ । ବୁଢ଼ାବୁଢ଼ୀକୁ ଡାକି ଡାକି ହାଲିଆ ହୋଇଗଲେ । ଶେଷରେ ଗାଁ ଲୋକେ କବାଟ ଭାଙ୍ଗି ଘରେ ପଶିଲେ । ସେତେବେଳେ ବୁଢ଼ୀ ପାଟି କରି କହିଲା କବାଟ ଭାଙ୍ଗ ନାହିଁ । ବୁଢ଼ା କହିଲା ଏ ବୁଢ଼ୀ ମୁଁ ଦୁଇଟା ମାଛ ଖାଇବି ।

# ଚଚ୍ଛୁର କଲିଆ କାବା ଡୁର୍‌କା (ଚତୁର ବିଲୁଆ ବୋକା ବାଘ)

ମୁସନ୍ କଲିଆ ବିରଂ ଅ'ଡନ୍ ଆଂସୁଂଗ୍ ଆଂସୁଂଗ୍ ଉୟ୍ ଡୁଗୁ । ଡୁବେଲା ଡୁର୍‌କା ମୁୟ୍‌ର' କାଦି ତର' ତର' ଆର୍‌ଗଂଗୁ ଡୁଡି'ଗୁ ଡୁଗୁ । ଉମ୍‌କାଡ଼୍‌ତେ କଲିଆଲାୟ୍ ଜୁଅ' ଆହଁ ଡେମ' ଅଡ଼୍‌ରେୟ୍‌ଗୁ ମିଅ' ସୁନ' ଅନମ୍ ଉସଂ ନିଂ ସମ୍‌ତୁନିଂ । ତିନ୍ ଚାରି ଦିନ୍ ଡେଂଗୁନି ଅନିଂ ସସମ୍‌ଲାୟ୍ ମାଂଟାସା ମିଲେୟ୍ ଉରା' । କଲିଆ ବଡ଼େ ଚତୁର୍ ଟୁପ୍‌ନା ସୁନ' ଉରା' ଡୁର୍‌କା ମାମୁଂ ନିଂ ନମ୍‌ନୁ ଅ'ଡନ୍ ପିପିଂନିଂ ଡୁଗୁ ମିୟ' ଏତାନିଂ କି ଉସଂ ଆର୍ ୟାନିଂ ମାଂଟାଂ ଡିଅଂନା ନିଂ କେତେ ଦିନ୍ ଡେଂଗୁ ସରଂଗୁନିଂ ଡୁତୁ ଉସର୍‌ଗୁ ଭଜି'ନିଂ ଡୁତୁ ନମ୍‌ନୁ ସୁଲୟ୍ ଆର୍ ବୁସୁଆ ଅନିଂ ସମ'ନା । ନେୟ୍‌ନୁ ଆନିବାୟ୍ (ଦାଦା) କୁରୁଂ ଉଜି' ନିଂନି । ତୁନ' ଆନିବାୟ୍ ନିମାନ୍ ନିମାନ୍ କାଦି ଅବ୍‌ସମ୍‌ତୁ ।



ଦିନେ ବିଲୁଆ ପାହାଡ଼ ପାଖରେ ଚାଲି ଚାଲି ଯାଉଥିଲା । ସେତେବେଳେ ବାଘଟିଏ ଖାଦ୍ୟ ଖୋଜି ନ ପାରି ଶୋଇଥିଲା । ହଠାତ୍ ବିଲୁଆକୁ ଦେଖି ହାଉଁ କରି ଗର୍ଜନ କଲା । ଆଉ କହିଲା "ତୋତେ ଆଜି ମୁଁ ଖାଇବି । ତିନି, ଚାରି ଦିନ ହେଲା ମୋତେ ଖାଇବାକୁ କିଛି ମିଳିନାହିଁ ।" ବିଲୁଆ ବଡ଼ ଚତୁର । ଚଟାପଟ୍ କହିଲା "ନାହିଁ ବାଘମାମୁଁ ମୁଁ ତୁମ ପାଖକୁ ଯାଉଥିଲି, କିନ୍ତୁ ଚିନ୍ତା କଲି ଯେ ଆଜି ଯିବି ନାହିଁ କାରଣ କେତେ ଦିନ ହେଲା ଜ୍ୱରରେ ପଡ଼ିଛି । ପତଳା ଓ ଦୁର୍ବଳ ଅଛି । ତୁମ ପେଟ ପୂରିବ ନାହିଁ । ମୋ ଜେଜେ ପାଖକୁ ଯାଉଛି । ସେଠାରେ ମୋର ଜେଜେ ଭଲ ଭଲ ଖାଦ୍ୟ ଖାଇବାକୁ ଦେବ । ମୁଁ କିଛିଦିନ ଭିତରେ ମୋଟା ହୋଇଯାଇଥିବି । ସେହି ସମୟରେ ତୁମ ପାଖକୁ ଆସିବି ମାମୁଁ । ତୁମେ ଖାଇବ ।

ନିଂ କେତେ ଦିନ୍‌କେ ନେରି ଡେଂଗୁ ଉୟ୍‌ଲଂନିଂ ତୁବେଲା ନମ୍‌ନୁ ଅ'ଡନ୍‌ଅ' ପିଲଂନିଂ ଅନିଂ ସମ୍ ଡଂ । କାବା ଡୁର୍‌କା ସାମଲାୟ୍ ବୁଜେୟ୍ ଆର୍‌ଗଂତ । ଅମା'ୟ୍ ଉୟା ଡିଅ'ବାୟଁ, ବେଡ଼' । କଲିଆ ଦାଦାଡେନୁବ' ଉଜି' । ଦାଦାଡେୟ୍ ଲାୟ୍ ଏ ସବୁ ସାମ ସୁନ' । ତୁନ' କେତେ ଦିନ୍ ଡୁଗୁ ବାଉଡ଼େୟ ଦିନେ ଦାଦାଡେୟ୍ ଅମା'ୟ୍ ମୁୟ୍‌ର' ଗୁଲ୍‌ଟି ବାକ୍‌ସବ୍' ବବ୍‌ରିଡ଼' ବେଡ଼' ତବ୍‌ନାଂ କୁରୁଂ ଡାଲ' ବେଡ଼' ମିୟ' ମୁୟ୍ ଲାତ୍ ମାତର' ପେଡ଼ିଲାୟ୍ ଗୁଡ଼ଗୁଡ଼ା' ବେଡ଼' । ପେଡ଼ି ଗଡ଼ ଗଡ଼ ସବଦ୍ ଡେମ' ଡୁଲେୟ୍ ଗୁଉୟ୍ ବେଲା ତୁ ଡୁର୍‌କା କୁଅଁର୍‌ବ' ଅଟ୍‌କା'ଅ' ସୁସୁନ' ଏକୁରୁଂ ମୁୟ୍ କଲିଆ ପିଫିନୁ ଜୁଅ'ନମ୍ ? କଲିଆ ପେଡ଼ି ଆଲୁଂଡି'କେ ପଚେ ପଚେ ପିଗୁଂନି ଡିଅ' ମାୟ୍‌ନୁ ଡିଏନ୍ ଅ'ଡନ୍ କେଟେୟ୍‌ଗୁ ଡୁର୍‌କାନୁ ତୁମ'ଦି, ଗୁଡ଼େୟ୍‌ଗୁ ପିଗୁଂ । ଗେମ୍‌ତିକି ବୁଦିଡୁତୁ ଲାୟ୍‌ନୁ ସବୁଡୁତୁ ମାୟ୍‌ନୁ ।



ବୋକା ବାଘ କଥାଟିକୁ ବୁଝିପାରିଲା ନାହିଁ । ତାକୁ ଯା ବୋଲି ପଠାଇ ଦେଲା । ବିଲୁଆ ଜେଜେ ଘରକୁ ଗଲା ଓ ଜେଜେଙ୍କୁ ଏସବୁ କଥା କହିଲା । ସେଠାରେ କିଛିଦିନ ରହିଲା । ଫେରିବା ଦିନ ଜେଜେ ତାଙ୍କୁ ଗୋଟାଏ ଗୋଲ ବାକ୍ସରେ ପୂରାଇ ଦେଲା । ଉପରୁ ବନ୍ଦ କରି ଦେଲା ଓ ଏକ ନାତ ମାରି ବାକ୍ସକୁ ଗଡ଼ାଇ ଦେଲା । ବାକ୍ସ ଗଡ଼ ଗଡ଼ ଶବ୍ଦ କରି ଗଡ଼ି ଗଡ଼ି ଯିବା ସମୟରେ ସେହି ବାଘ ବାଟରେ ଅଟକାଇଲା ଓ କହିଲା ଏପଟେ ଗୋଟିଏ ବିଲୁଆ ଆସୁଛି ଦେଖିଛ କି ? ବିଲୁଆ ବାକ୍ସ ଭିତରୁ ପଛରେ ଆସୁଛି କହି ତା ଘର ନିକଟକୁ ପହଂଚିଗଲା । ବାଘ ମୁହଁରୁ ବଂଚିଗଲା । ଯାହାର ବୁଦ୍ଧି ଅଛି, ତାହାର ସବୁ ଅଛି ।

# ପୁଟ୍‌କି କୁଟାଇ ମିଅଁ ସାଉକାର ଅ’ଅନ୍
# (ଚୁଟିଆ ମୂଷା ଓ ସାହୁକାରର ବୋହୁ)

କୁନି ଉଂଡ଼ାମ୍ ଡୁଗୁନେନ୍ । ଅମା’ୟ୍ ନେନ୍ ଅ’ଅନ୍ ଅଂଡ଼ାୟ୍ ମୁଲ କେ ଉରା’ । ମିଅଁ ମିର’ ଉଂଗମ ବ’ ମିଅଁ କୁନି ଉଂଡ଼ାମ୍ ଡୁଗୁନେନ୍ । ମାୟ ନେନୁବ’ ଚଟା ଅଡୁଅନ୍ । ମାୟ୍ ନେନ୍ ବେସି ସାଉକାର । ପାଂଚ୍ ବାଇ୍ ବିବା ଡେଂଗୁ ଡୁଗୁ ନେନ୍ । ମିଏନ୍ ଅଡୁଅନ୍ ଲାୟ୍ କିମିନ୍ ରିରିଂ ଆର୍’ ଡୁଗୁ ନେନ୍ । ଇୟଂ, ଆପୁଂ ବୁୟାଂ, ବଉ ମନ୍ ଡେମ’ ନୁ ମିଏନ୍ ଅଅନ୍ ଲାଇ ମନ୍ କେ ଉଇ ଉରା । ଡ଼ିଏନ୍ ନୁ ଲକ୍ ରିସା ଗୁ ନେନ୍ ମିଅଂ ମାୟ୍  ମନ୍ ଡେମ’ନୁ କିମିନ୍ ରିଏଁ ଡ଼ିଅ’ ଅନବ୍ ତତର୍ ବାୟ ନେନ୍ । ମାୟ୍ ଆଲ୍‌ଗୁ ଆଲ୍‌ଗୁ ଅ’ଅନ୍ ଅଂଡ଼ାୟ୍ ଉରାନୁ କୁନି ଉଂଡ଼ାମ୍ ଡ଼ିଏନ୍ ବ’ କେଟେୟ୍‌ଗୁ । ଡ଼ିଏନ୍‌ବ’ ଲାୟ୍ ଡୁତୁ ପେନ୍ ଡ଼ିଅ’ ଏ ମାନାୟ୍ ଆୟ’ ।



ବୁଢ଼ାବୁଢ଼ୀ ଥିଲେ । ସେମାନଙ୍କର ପିଲାଛୁଆ ବିଲ୍‌କୁଲ୍ ନାହିଁ । ଆଉ ଗୋଟିଏ ଗାଁରେ ମଧ୍ୟ ବୁଢ଼ାବୁଢ଼ୀ ଥିଲେ । ତାଙ୍କ ଘରେ ଛଅଜଣ ପୁଅ । ସେମାନେ ବହୁତ ଧନୀ । ପାଞ୍ଚ ଭାଇ ବିବାହ ହୋଇ ଯାଇଥିଲେ । ସାନପୁଅର ବହୁ ଆଣି ନଥିଲେ । ମାଁ, ବାପା, ଭାଇ, ଭାଉଜ ଇଚ୍ଛା କରୁଥିବା ଝିଅ ସାନପିଲାର ମନକୁ ଯାଉ ନାହିଁ । ଘର ଲୋକ ରାଗିଗଲେ ଆଉ ସେ ଇଚ୍ଛା କରିଥିବା ବୋହୂକୁ ଆଣୁ ବୋଲି ବୋହୂ ଖୋଜିବାକୁ ପଠାଇଲେ । ସେ ବୁଲି ବୁଲି ପିଲାଛୁଆ ନ ଥିବା ବୁଢ଼ାବୁଢ଼ୀ ଘରେ ଯାଇ ପହଁଚିଲା । ଘରେ କିଏ ଅଛ ବୋଲି ଡାକିଲା । ବୁଢ଼ୀ ଦାଣ୍ଡରେ ବାହାରି ପଚାରିଲା ତୁମେ କିଏ ବାବୁ । ସେ ନମସ୍କାର କରି କହିଲା,

କୁନି' ଊଂଡାମ୍ ତୁର୍‌ଗୁ ସୁ ସାଲାଅ ନମ୍ ଲାୟ୍ ବବ । ମାନାୟ୍ ଜୁଆର୍ ଡେମ', ମିଅଁ ସୁନ' "ଏ ଜି ଆବା ନେନ୍ ବାୟଂ' ନେନ୍ ଡୁତୁ ଗାଟି ଦିନ୍ ଡେଂଗୁ ପେନୁ ଜି ସୁ ମାମା ଲାୟ୍ ଜୁଅ' ଉଲ୍ ଡ଼ିଅ' ବାୟ୍ଂ ନେନ୍" । ମିଅଁ ପେନୁ ଜି ନେନୁ ବ' ମିର' ବୁବି ଡୁତୁ ଜୁଅ' ଉଲ ଡ଼ିଅ' ସୁନ' ନେନ୍' । ଆଲେ ଜି ବୁଡ଼ି ଲାୟ୍ ଆୟ୍ ଜୁ ତୁ ନିଂ । କୁନି' ମାଂଟା ଡ଼ିଅ' ସୁନ୍‌ତୁ ନିଂ ଡ଼ିଅ' ଏତା' ସୁ ସୁନ' ଉରା' ବବ ବୁଡି ଲାଜ୍ ଗୁନି । ଅଂଜିରେଲ୍ ଜୁ ଡ଼ଂଗ୍ ଡିଅ'ମିଅଁ କୁନି ଡ଼ଡ଼ଂୟ୍ ଲାୟ୍ ଉଜି । ଡ଼ୟଁ ସୁ ତେତେର୍ ଏଲ୍ ପୁଟ୍‌କି କୁଟାଇ ଇର' ଇର' ପିଂଗୁ ମିଅଁ ତାଲିନୁ ଲାଇ କଂଡେକ୍ ସମ' ବେଡ଼ । କୁନି ରିସା ଗୁସୁ କୁଟାଇ ଲାୟ୍ ପାତ୍‌ଲି ଆଲୁଂଗ୍ ଡାଲ' ବେଡ଼' । କୁଟାଇ ପାତ୍‌ଲି ଆଲୁଂଗ୍ ଡ଼ି ସୁନ' ଅନିଂ ଆର୍ ଡ଼ାଲ' ।



"ମାଇ ବାପା ମାଁ ପଠାଇଛନ୍ତି କି ବେଶି ଦିନ ହେଲା ତୁମ ମାଇ ମାମୁଙ୍କୁ ଯାଇ ଦେଖିଆସ" ଆଉ ତୁମ ମାଇ ଘରେ ଗୋଟିଏ ଝିଅ ଅଛି ତାକୁ ଦେଖି ଆସ ବୋଲି କହିଲେ । କାଇଁ ମାଇ ତୁମର ଝିଅ କାହିଁ ଦେଖିବି । ବୁଢ଼ୀ କ'ଣ ବୋଲି କହିବି ବୋଲି ମନେ ପକାଇ କହିଲା ନାହିଁ ବାବୁ ଝିଅ ଲାଜ କରୁଛି । ସକାଳେ ଦେଖିବୁ ବୋଲି କହି ବୁଢ଼ୀ ରୋଷେଇ କରିବାକୁ ଚାଲିଗଲା । ଭାତ ବାଢ଼ିବା ବେଳକୁ ଚୁଟିଆ ମୂଷା ଡେଇଁ ଡେଇଁ ଆସି ଥାଳିର ଭାତ ଟିକିଏ ଖାଇଦେଲା । ବୁଢ଼ୀ ରାଗିଯାଇ ଚୁଟିଆ ମୂଷାକୁ ହାଣ୍ଡି ଭିତରେ ବନ୍ଦ କରିଦେଲା । ମୂଷା ହାଣ୍ଡି ଭିତରୁ କହିଲା ମୋତେ ଭିତରେ ବନ୍ଦ କର ନାହିଁ । ମୁଁ ତୁମ ଝିଅ ପରି । ସବୁ ଲୋକ ଖାଇ ଶୋଇଲେ ।

ନିଂ ନମ୍‌ନୁ ବୁଡି ମୁନାଂ । ସର୍‌ତେ ଲକ୍ ସମ’ ସୁ ଡୁଡ଼ି’ ଗୁ ନେନ୍ । ଅଂଜିରେଲ୍ ତୁ ଅ’ଅନ୍ ମାୟ୍‌ନୁ ଜି ଡେୟ୍ ଲାୟ୍ ସୁନ’ । ଏ ଜି ବୁଡି ଲାୟ୍ ସୁନ୍ ବେ ନିଂ ବୁଡ଼ୁଂଗ୍ ଆୟ’ ରିଲଂ ନି । କୁନି’ ମିର’ ମନା ବ’ ରୁକୁକ୍ ମିଅଁ ଗିସିଂ ଡେନା ପୁରା’ସୁ ଆରିୟ’ ଅଡୁବ୍ ଲାୟ୍ ବେଡ଼’ । ମିଅଁ ପୁଟ୍‌କି କୁଟାଇ ଲାୟ୍ ତୁ ମନା ବ’ ପୁରା’ ବେଡ଼’ । କୁନି’ ସୁନ’ ନମ୍ ଆଂସୁ ଡୁକା । ବୁଡି’ ଲାଜ୍ କୁରିଆନି, ନମ୍ ନୁ ଗିଡ଼ାଂ ଗିଡ଼ାଂ ପିଲଂ । କେତେକ୍ ସୁଲଂ ଉଜି ସୁ ବାବୁ ପାସ୍‌ଲେୟ୍ ଗୁ ଜୁଅ’, ଗିଡ଼ାଂ କୁରୁଂଗ୍ ଲାୟ ଉରା’ । ଏତା’ ସୁଅ’ ଅନିଂ ଜି ନାଡ଼ା’ ବେଡ଼’ । ଅଅନ୍ ନୁ ସାମ ଅଅଁ ସୁ ମୁନା  ଆଲୁଂଗ୍ ଡ଼ି’ପୁଟ୍‌କି କୁଟାଇ ସୁନ’, ଡ଼ କିନା ଗିଡ଼ାଂ ଗିଡ଼ାଂ ନିଂ ପିଂଗୁନି ।



ସକାଳେ ସେହି ପିଲା ତାଙ୍କ ମାଈକୁ କହିଲେ ମାଈ ଝିଅକୁ କହିଦିଅ ମୁଁ ସାଙ୍ଗରେ ଡାକିନେବି । ବୁଢ଼ୀ ଗୋଟିଏ ମୁଣାରେ ଚାଉଳ ଆଉ କୁକୁଡ଼ା ଡେଣା ପୁରାଇ ସେହି ପିଲାକୁ ଦେଲା ପୁଣି ଚୁଟିଆ ମୂଷାକୁ ସେହି ମୁଣାରେ ପୂରାଇ ଦେଲେ । ବୁଢ଼ୀ କହିଲା ତୁମେ ଚାଲୁଥାଅ ଝିଅ କୁଳିଆ ତୁମ ପଛରେ ପଛରେ ଆସିବ । କେତେ ଦୂର ଗଲାପରେ ପିଲାଟି ପଛକୁ ଅନାଇ ଦେଖିଲା ପଛପଟେ କେହି ନାହିଁ । ମନେ ମନେ ଚିନ୍ତା କଲା ମୋତେ ମାଈ ମିଛରେ ଠକିଲେ । ପିଲାର କଥା ଶୁଣି ମୁଣା ଭିତରୁ ଚୁଟିଆ ମୂଷା କହିଲା ଚାଲ ପଛେ ପଛେ ମୁଁ ଆସୁଛି । ଚାଲି ଚାଲି ପିଲାଟି ତାର ଘରକୁ ପହଁଚିଲା ଆଉ ମୁଣାକୁ କାନ୍ଥର ଏକ ଖିଲରେ ଝୁଲାଇ ଦେଲା ।

ଆ‌ଂସୁଂ ଆଂସୁଂଗୁ ଅ’ଅନ୍ ମାୟ୍‌ନୁ ଡ଼ିଏନ୍ ବ’ କେଟେଇ ଗୁ ମିଅ’ ମୁନା ଲାଇ କଡିନୁ କୁଟିଆବ’ ଅଲା’ ବେଡ଼’ । ମାୟ୍‌ନୁ ବଉ ନେନ୍ ସାଲାଡ଼ ନେନ୍ , କିମଇ୍ ମନ’ ଜୁ ନାୟ’ । ଅ’ଅନ୍ ସୁନ ଉରା ବଉ ମା’ ଲାଜ୍ ଗୁନି । ଚନେକ୍ ଡୁଗୁନା । ଜୁ ନେନ୍ ମାୟ୍‌ନୁ ପଚେ ଅ’ଅନ୍ ମନା ଡ଼ିକେ ରୁକୁ’ ତତକ୍ ଏଲ୍ ପୁଟ୍‌କି କୁଟାଇ’ ଲାୟ୍ ଜୁଅ’ । ମିଅ’ ସବୁ ମାଅଁ । ବଉନେନ୍ ଦୁଇ ଲକ୍ ପୁଲାୟ୍ ସସମ’ ଲାୟ୍ ରିଅଁ ବେଡ଼’ ନେନ୍ । ଅ’ଅନ୍ ସମ’ ଉଜି’ନୁ ପଚେ କୁଟାଇ ମାୟନୁ ମନା ଡି’କେ ଜର୍‌ଗୁ ସୁ ସମ’ ମିଅଁ ମୁନା ବ’ ଗାଇଗୁ ବେଡ଼’ । ତିନ୍ ଚାର୍ ଦିନ୍ ଉଜି’ନୁ ପଚେ ବଉନେନ୍ ସୁନ’ ନେନ୍, ଏ ବବ ନମ୍‌ନୁ କିମୟ୍’ ଲାୟ୍ ସୁନ୍ ଡ଼ିଏନ୍ ସା ଅଲପ୍ ରିତାଂଏ । କେରଂ ତଂଏ । ଅ’ଅନ୍ କୁଟାଇ ଲାୟ୍ ସୁନ’ ସୁ, କୁଟାଇ ଆରେନ୍ ଡେମ୍‌ତୁ ନିଂ ଡିଅ’ ବର’ ବର’ ଗୁ କୁଟାଇ ରାଜାନୁ ବ’ କେଟେଇଗୁ ।



ତାଙ୍କ ଭାଉଜମାନେ ପଚାରିଲେ, ସ୍ତ୍ରୀ କୁଆଡ଼େ ଦେଖିବା, ପିଲା କହିଲା ନାହିଁ ଭାଉଜ ସେ ବେଶୀ ଲାଜକୁଳୀ, ଲାଜ ହେଉଛି । ଟିକେ ପରେ ଦେଖ । ତା ପରେ ପିଲା ମୁଣାରୁ ଚାଉଳ କାଢ଼ିବା ସମୟରେ ଚୁଟିଆ ମୂଷାକୁ ଦେଖିଲା ଆଉ ସବୁ ଜାଣିଲା । ପିଲାର ଭାଉଜ ଦୁଇ ଜଣ ପାଇଁ ଖାଇବାକୁ ଆଣିଦେଲେ । ପିଲା ଖାଇଗଲା ପରେ ମୂଷା ତା’ର ମୁଣାରୁ ଆସି ଖାଇଲା ଆଉ ମୁଣାରେ ପଶିଗଲା । ଚାରିଦିନ ଗଲାପରେ ଭାଉଜମାନେ କହିଲେ ଏ ବାବୁ ତୁମେ ତୁମ ସ୍ତ୍ରୀକୁ ଘର ଲିପିବା ପାଇଁ କୁହ । ପିଲା ଚୁଟିଆ ମୂଷାକୁ କହିବାରୁ ଚୁଟିଆ କିପରି କରିବ ବୋଲି କାନ୍ଦି କାନ୍ଦି ଚୁଟିଆ ରଜା ପାଖରେ ପହଂଚିଲା । ଚୁଟିଆ ରଜା ତାହାକୁ ସାହାଯ୍ୟ କଲା ।

କୁଟାଇ ରାଜା ଆମାୟ୍ ସାଇ୍ଜ ଡେମ’ । ମିଅ ମିର’ ଦିନେ ପାଟାଇ ଟୁଟାଇ ତମ୍ଡ଼ା ଲାୟ୍ ସୁନ’ ନେନ୍ । କୁଟାଇ ଆରେନ୍ ଡେମ୍ତୁ ନିଂ ଡିଅ’ ବର’ ବର’ ଗୁ ଡୁଗୁ । ମାୟ୍ ନୁ ବର’ ନୁ ମାପୁରୁ ସବୁ ଜୁଅ ମିଅ’ ମାୟ’ ନୁ ଲଗେ ଜରଗୁ ପିଂଗୁ । କୁଟାଇ ଲାୟ୍ ସାଲାଡ଼ୁ । କୁଟାଇ ମାୟ୍’ ନୁ ସବୁ ସାମ ସୁନ’ । କୁଟାଇ ନୁ ଦୁକ୍ ଜୁଅ’ସୁ ଅମାୟ’ ମିର’ ସୁନ୍ଦ୍ରି କାଂ ଅନବ୍’ ଉଜ୍ରା ବେଡ଼’ ଏ ସାମ ତୁ ଅ’ଅନ ବୁଇ’ଗୁ ସୁ ସବୁ ଜୁଜୁ ଡୁଗୁ । କିଂଡ଼ା ଡ଼ି’ କେ ଅନବ୍ ଲାୟ୍ ସବ’ ସୁ ଡ଼ିଏନ୍ ବ’ ପିଂଗୁ । ଏଡେକ୍ ସୁନ୍ଦର ଅନବ୍ ଲାୟ୍ ଜୁଅସୁ ଡ଼ିଏନ୍ ନୁ ଲକ୍ ବୁଡ଼ିଲାଇ ଗାଟିଅ ଆଲାଦ୍ ଡେମ’ ନେନ୍ । ପାଇଟି କାବାଡ଼ ଆର୍ ଅବ୍ ଡେମ୍ ତ ନେନ୍ । ତୁ ଦିନେ ଡ଼ି’ ଅନବ୍ ଅଡୁବ୍ ସାରଦା ବୁଡ଼ଂଗ୍’ ଡୁଗୁ ନେନ୍ ।



ଆଉ ଗୋଟିଏ ଦିନ ଲୁଗାପଟା ସଫା କରିବାକୁ କହିଲେ । ଚୁଟିଆ ମୂଷା କିପରି କରିବି ବୋଲି କାନ୍ଦୁଥିଲା । ତା’ର କାନ୍ଦ ଭଗବାନ ସବୁ ଦେଖିଲେ ଆଉ ତା’ର ପାଖକୁ ଓହ୍ଲାଇ ଆସିଲେ । ମୂଷାକୁ ପଚାରିଲେ ଚୁଟିଆ ମୂଷା ତା’ର ସବୁକଥା କହିଦେଲା । ଚୁଟିଆ ମୂଷାର ଦୁଃଖ ଦେଖି ତାକୁ ଗୋଟିଏ ସୁନ୍ଦରୀ ଝିଅ କରିଦେଲେ । ଏ ସବୁ ସେହି ପିଲାଟି ଲୁଚି ଦେଖୁଥିଲା । ଲୁଗା ସଫା କରୁଥିବା ନଦୀରୁ ଝିଅକୁ ଧରି ଘରକୁ ଆସିଲା । ଏତେ ସୁନ୍ଦରୀ ଝିଅକୁ ଦେଖି ଘରର ଲୋକେ ତାକୁ ବହୁତ ଆଦର କଲେ । କାମଦାମ ଆଉ କରାଇଲେ ନାହିଁ । ସେହି ଦିନ ଠାରୁ ସ୍ୱାମୀ ସ୍ତ୍ରୀ ଆନନ୍ଦରେ ମିଳିମିଶି ଜୀବନ ବିତାଇଲେ ।

# ଗୁନାଲ' ଅବ' ପିଡ଼ିଗ୍ ଦବ (ଚଢ଼େଇ ଓ ପିମ୍ପୁଡ଼ି କଥା)

ମିର' ସୁଲବ୍ ବ' ପିଡ଼ିଗ୍ ମିଅଁ ଗୁନାଲ' ନେନ୍ ଡୁ ଡୁଗୁ । ଦିନେକ୍ ଜବର ଡ଼ା' ପିଂଗୁ । ପିଡ଼ିଗ୍ ମିର' ନାଲ ଲଗେ ନୁ ସୁଲବ୍‌ବ' ଲେୟ୍' ଗୁଡୁଗୁ । ଉ ବେଲା ମାୟ' ଜୁଅ' କି ନାଲ୍ ନୁ ଡ଼ା' ବ' ମିର ଗୁନାଲ' ବଅଁଲେୟ୍ ଗୁଉଇ ଡୁଗୁ । ଗୁନାଲ' ନୁ ତେରେ ପେତେ ଜୁଅସୁ ପିଡ଼ିଗ୍ ନୁ ବେସି ମନ ଦୁକ୍ ଲାଗେୟ୍ ଗୁ । ଆରେନ୍ ଡେମ' ଗୁନାଲ' ଲାୟ' ବଂଚା ତୁନିଂ ଡ଼ିଅ' ମନେ ମନେ ଏତା' ସୁଅଁ ମିଅଁ ସୁଲବ୍‌ନୁ ଉସର ଅଲାଗ୍ ନାଲ ନୁ ଡ଼ା' ବ' ଅବ୍‌ଲ' ବେଡ଼୍' । ଗୁନାଲ' ଉସର ଅଲାଗ୍' ଜୁଅସୁ ତୁ ଉସର୍ ଅଲାଗ୍ ବ' ଡ଼ାୟଗୁ ଉସର ଅଲାଗ୍ ବଅଁଲେୟ୍ ବଂଅଁଲେୟ ଗୁ କାଂଡ଼ିବ' ଲାଗେଇଗୁ ।



ଗୋଟିଏ ଗଛରେ ଚଢ଼େଇ ଓ ପିମ୍ପୁଡ଼ି ରହୁଥିଲେ । ଦିନେ ବହୁତ ବର୍ଷା ହେଲା । ଚଢ଼େଇ ଗୋଟିଏ ନାଳ ପାଖରେ ଥିବା ଗଛରେ ବସିଥିଲା । ସେହି ସମୟରେ ସେ ଦେଖିଲା ନାଳର ପାଣିରେ ପିମ୍ପୁଡ଼ି ଭାସୁଛି । ପିମ୍ପୁଡ଼ିର ହଇରାଣ ଦେଖି ଚଢ଼େଇ ମନରେ ଦୁଃଖ ଆସିଲା । କେମିତି ପିମ୍ପୁଡ଼ିକୁ ବଂଚାଇବ ବୋଲି ମନେ ମନେ ଚିନ୍ତା କଲା । ଆଉ ଗଛରୁ ଶୁଖିଲା ପତ୍ର ନାଳର ପାଣିରେ ପକାଇ ଦେଲା । ପିମ୍ପୁଡ଼ି ଶୁଖିଲା ପତ୍ର ଦେଖି ସେହି ଶୁଖିଲା ପତ୍ର ଉପରକୁ ଚଢ଼ିଗଲା ।

ଗୁନାଲ ଅଲାଗ୍ ଡ଼ି' ଜରଗୁ ସୁ ମାୟନୁ ନୁ ଜିବନ ବଚାଅ' ତୁ ଦିନେ ଡ଼ି' ପିଡ଼ିଗ୍ ମିଅଁ ଗୁନାଲ ମଇତର ଡେଂଗୁ ନେନ୍ । ଦିନେକ୍ ବନୁଆ ସୁଲବ'ବ' ଲେୟ୍‌ଗୁନୁ ପିଡ଼ିକ୍ ଲାୟ ତିତିଂ ଡୁଗୁ ଗୁନାଲ ଜୁଅ' । ନଂଜର ଜୁଅ ସୁ ତିଂତୁ ଡ଼ିଅନୁଏଲ୍ ବନୁଆ ନୁ ସୁସଂ ବ' ଗୁନାଲ ଚିରିମ୍ ନା ଅବ' ବେଡ଼' ବନୁଆ ପିଡ଼ିକ୍ ଲାୟ ମର ତିୟଁ ସୁ ପିଡ଼୍‌ତେ ତିୟଁ ବେଡ଼ କାଂଡ଼୍ (ଅସନ୍ ଚିର୍) ସୁଲବ୍‌ବ' ଉଜି ବଂଗୁ ବେଡ଼ । ସୁଲବ୍ ନୁ ପିଡ଼ିକ୍ ପୁର୍ ନା ଉଡେଇ ଗୁଉଜି । ତୁବଗ୍ ନୁ ଗୁନାଲ ପୁଲୁଗ୍ ବ' ଗାଇଗୁ ବେଡ଼ ।



ଶୁଖିଲା ପତ୍ର ଭାସି ଭାସି କୂଳରେ ଯାଇ ଲାଗିଲା । ପିମ୍ପୁଡ଼ି ପତ୍ରରୁ କୂଳକୁ ଆସି ତାହାର ଜୀବନ ବଂଚାଇଲା । ସେହି ଦିନ ଠାରୁ ପିମ୍ପୁଡ଼ି ଓ ଚଢ଼େଇ ସଂଗାତ ହେଲେ । ଦିନେ ଶିକାରୀ ଗଛରେ ବସିଥିବା ଚଢ଼େଇକୁ ତୀର ମାରୁଥିଲା । ପିମ୍ପୁଡ଼ି ଦେଖିଲା । ଠିକ୍ ଲକ୍ଷ୍ୟ କରି ତୀର ମାରିବା ସମୟରେ ଶିକାରୀର ଗୋଡ଼କୁ ରୁଟ୍‌କିନା କାମୁଡ଼ି ଦେଲା । ଶିକାରୀର ଲକ୍ଷ୍ୟ ଚଢ଼େଇକୁ ନ ବାଜି ଗଛର ଡାଳରେ ଯାଇ ତୀର ବାଜିଲା । ଗଛର ଚଢ଼େଇ ଫୁର୍‌କିନା ଉଡ଼ିଗଲା, ପିମ୍ପୁଡ଼ି ଗାତରେ ପଶିଗଲା ।

# ସୁଲୁବ୍ ସୁ ଗୁଗା’ (ହରିଣ ଓ କାଉ)

ମିର’ ବିରଂବ’ ସୁଲୁବ୍ ସୁ ଗୁଗା’ ଦୁଇ ମଇତର ଡୁ ଡୁଗୁନେନ୍ । ଦିନ୍‌କେ ସୁଲୁବ୍ ବିରିଂ ଗଡା’ ଆଲ୍‌ଗୁ ସାଗାଆ’ ଅଲାଆ’ସମ’ସୁ ମଉଲ ସୁଳବ୍ ଜଅ’ତ ଡୁତି’ ପୁଲାଇ ପିଂଗ୍‌ତ । ଟୁ ତିତ’ ଗୁଗା’ ସା ଉଡ଼ି’ ଆଲ୍‌ଗୁ କାଦି ସମ’ ସାରେୟ୍‌ଗୁସୁ ତୁ ମଉଲ ସଲବ’ ତବ’ନାଂଗ୍ ଡୁଦି’ ପୁଲାଇ ଉଇତ । ଦୁଇଲକ୍ ଦୁଇଲକ୍‌ନୁ ସିମିନ୍ ଯାକନୁ କାତାନି ଆପ୍‌ନା ଆପ୍‌ନା ଆଲୁଗ୍‌ଂ ସାର୍‌ଲଗ୍‌ଂତ ନେନ୍ । ଦୁଇଲକ୍ ଦୁଇଲକ୍‌ନୁ ଦୁକ୍ ସୁକ୍ ବ’ ସାଂଗ୍ ଡେଂଗୁ ଡୁତ’ନେନ୍ । ମୁସନ ଡୁର୍‌କାନୁ ମ’ ଲୁସ୍ ଲୁସା ସୁଲୁବ୍‌ନୁବ’ ଉଜି’ ଡୁର୍‌କା ତିନ୍‌ତା ଡେମ’ । ସୁଲୁବ୍ ଜୁଜୁ ପୁଲାଇ ଏଡ଼େକ୍ ସୁନ୍ଦର । ଇତ’ଡିଅ’ ନା ମାୟନୁ ସେଲି ସସ’ଲାୟ କେଡ଼େକ୍ ସୁବୁଲ ଆର୍ ଡେଂଗୁ ଡୁଲଂଗ୍ ଡିଅ’ସୁ ଚିନ୍ତା ଡେମ’ ଡୁର୍‌କା ସୁଲୁବ୍ ପୁଲାଇ ସଂଗ୍‌ଗାତ୍ ଡେଡେମ୍ ଲାଇ ଗୁଆରି ଡେଂଗୁ ।



ଗୋଟିଏ ଜଙ୍ଗଲରେ ହରିଣ ଆଉ କାଉ ଦୁଇ ସଙ୍ଗାତ ରହୁଥିଲେ । ସବୁଦିନ ହରିଣ ବଣ ପାହାଡ଼ ବୁଲି ଘାସ ପତ୍ର ଖାଇ ମହୁଲ ଗଛ ତଳେ ଶୋଇବାକୁ ଚାଲିଆସେ । ଠିକ୍ ସେହିପରି କାଉ ମଧ୍ୟ ଉଡ଼ି ବୁଲି ଖାଦ୍ୟ ଖାଇ ସାରିବା ପରେ ସେହି ମହୁଲ ଗଛ ଉପରେ ଆଶ୍ରୟ ନେଇଥାଏ । ଦୁହେଁ ଦୁହିଁଙ୍କର ଦୁଃଖସୁଖର ସାଥି ହୋଇ ରୁହନ୍ତି । ଦିନେ ଗୋଟିଏ ବାଘର ନଜର ହରିଣର ସୁନ୍ଦର ଶରୀର ଉପରେ ପଡ଼ିଲା । ବାଘଟି ଚିନ୍ତା କଲା, ହରିଣଟି ଦେଖିବାକୁ ଏତେ ସୁନ୍ଦର ହେଲେ ତା’ର ମାଂସ ଖାଇବାରେ କେତେ ସୁଆଦିଆ ହୋଇ ନ ଥିବ । ବାଘଟି ହରିଣକୁ ସାଙ୍ଗ ହେବାକୁ ଅନୁରୋଧ କଲା । କହିଲା ମୁଁ ମାଂସ ଖାଇବା ଜୀବ । ହେଲେ ମଧ ତୁମକୁ କେବେ ଶିକାର କରିବି ନାହିଁ ।

ସୁନ’ ନିଂ ସେଲି ସସମ୍‌ନୁ ଜତ୍ ସିନା ଅନମ୍ ଡଂନ୍‌ଡଇ ସା ଡରଅ’ ଆର୍ ସମ୍‌ନିଂ । ମାଂଟା ଡିଅ’ନା ନମ୍ ଗାଟିୟ’ ସୁନ୍ଦର । ନମ୍‌ନୁ ସୁନ୍ଦର ପୁଲାଇ ଜୁଅ’ ସୁ ନିଂ ଅନମ୍ ଆଲାଦ୍ ଡେମ’ ନିଂ ନିଂ ଏ ବିରଗ୍‌ଂ ଜଅ’ତ୍ ଡୁତନିଂ । ପେନୁ ଏନ’ ଉନ୍‌ଡ଼ଇ ସାଗା’ଅଲା’ସାରେଇ ଗୁନା ନେୟ’ନୁ କୁରୁଗ୍‌ଂ ମଡ଼’ଗୁ ଉଲ । ନେଇ’ନୁ କୁରୁଂ ଗାଟିୟ୍ ସାଗା’ ଅଲା’ ଡୁତୁ । କେତେକ୍ ଦିନ୍ ତିର୍’ଗି’ ସୁଲୁବ୍ ଡୁନୁ ଲଗେ ସାଗା’ ଅଲା’ ସାରେଇଗୁ ଉଜି’ । ସୁଲୁବ୍ ଡୁର୍‌କା ସୁନ’ନୁ ସାମ ଏତା’ ବେଡ଼ । ମାୟ୍ ମାଂଟା ମର୍ ବାବେୟ୍‌ଗୁ ଡୁର୍‌କା ଡୁନୁ କୁରୁଂ ଉଇ୍ ପୁଲାଇ ତୁର୍‌ଗୁ । ଉଇବେଲା କୁଅଁରବ’ ମିର’ ବନୁଆ ମାଇନୁ ଜମିବ’ ଜାଲ୍ ସୁଅଁ ବେଡ଼’ ଡୁଗୁ । ସୁଲୁବ୍ ତୁ ଜାଲବ’ ଗାଇଗୁ ଉଜି’ । ପାରାନ ବିକଲ୍ ଡେଂଗୁ ବର୍’ଗୁ ବର’ଗୁ ଡୁଗୁ ।



କାରଣ ତୁମେ ଭାରି ସୁନ୍ଦର । ତୁମ ସୌନ୍ଦର୍ଯ୍ୟକୁ ଦେଖି ମୁଁ ତୁମକୁ ଭଲ ପାଉଛି । ମୁଁ ଏହି ପାହାଡ଼ ତଳେ ରହୁଛି । ତୁମର ଏଠାରେ ଯେବେ ଘାସ ପତ୍ର ସରିଗଲେ ଆମର ସେଠାକୁ ପଳେଇ ଆସ । ଆମ ଆଡ଼େ ବହୁତ ଘାସ ପତ୍ର ରହିଛି ।କିଛି ଦିନ ପରେ ହରିଣ ରହୁଥିବା ଅଂଚଳରେ ଘାସପତ୍ର ସରିଗଲା । ହରିଣକୁ ବାଘ କହିଥିବା କଥା ମନେ ପଡ଼ିଗଲା । ସେ କିଛି ନ ଭାବି ବାଘ ରହୁଥିବା ଅଂଚଳକୁ ଯିବାକୁ ବାହାରିଲା । ଗଲା ବେଳକୁ ବାଟରେ ଜଣେ ଶିକାରୀ ତା’ର ଜମିରେ ଜାଲ ବିଛାଇ ଦେଇଥିଲା । ହରିଣ ସେହି ଜାଲରେ ପଶିଗଲା । ପ୍ରାଣ ବିକଳରେ କାନ୍ଦି କାନ୍ଦି ରହିଲା । ଏଣେ କାଉ ତା’ର ସାଙ୍ଗ ନ ଆସିବାରୁ ମନ ଦୁଃଖରେ କାନ୍ଦି ଖୋଜିବାକୁ ଲାଗିଲା ।

ଏକେ’ ଗୁଗାନୁ ସଂଗାତ ଆର୍ ପିଂଗୁସୁ ମନ ଦୁକ୍ ଡେମ’ ବର୍’ଗୁ ବର’ଗୁ ତତର୍ ଲାଗେଇଗୁ । ସୁଲୁବ୍‌ନୁ ବର’ ଅଅଁସୁ ମାଇନୁ ଲଗେ ଉଜି ଏକେ’ ପାଆର୍‌ଗୁ ପିଂଗୁନି, ଗୁଗା’ ସୁଲୁବ୍ ପୁଲାଇ ସୁନ’ ସଂଗାତ୍ ନିଂ ଆରେନ୍ ସୁନ୍‌ତୁ ନିଂ ଟିକ୍ ସେମତାରି ଡେମ ନମ୍ ମର୍ ବରଆ’ ଗୟ’ଗୁ ନୁ ମୁନାଂ ଡୁଡି’ଗୁ ଡୁକା, ଯେଡ଼େ ବେଲା ନିଂ କାକା... ଡେମ’ ଗାଟିୟ’ ରାବାଦି ଡେଲଂଗ୍ ନିଂ ତୁ ବେଲା ଚାଟ୍‌ନା ମଡ୍‌ଗୁ ଡୁଆଁ । ପାଆ’ର୍ ଡେଂଗୁ ବନୁଆ ପିଂଗୁ ସୁଲୁବ୍ ଲାଗେୟ’ଗୁ ନୁ ଜୁଅ’ ଗାଟିୟ’ ସାର୍‌ଦା ଡେଗୁ । ସୁଲୁବ୍ ନୁ ନେରିବ’ ଲାଗେଇ ଗୁ ନୁ ଜାଲ୍ ପୁଲାଇ ତଅ’ ବେଡ଼’ ଟିକ୍ ସେଡେବେଲା ଗୁଗା’ ମାଟିୟ’ ରାବାଦି ଡେଂଗୁ କାକା.. କାକା.. ଡିଅ’ ରାବାଦି ଡେଂଗୁ ତୁ ବେଲା ସୁଲୁସ୍ ମଡ୍‌ଗୁ ଡଂଗୁ । ଗୁଗା୍’ସୁ ସୁଲୁବ୍ ମନ୍‌ସାର୍‌ଦା ଡେଂଗୁ ଉଜି’ ନେନ୍ ।



ହରିଣର କାନ୍ଦ ଶୁଣି କାଉ ତା ପାଖକୁ ପହଂଚିଲା । ଏଣେ ରାତି ସରି ସରି ଆସୁଥାଏ । କାଉ ହରିଣକୁ କହିଲା, “ସଙ୍ଗାତ ମୁଁ ଯେମିତି କହୁଛି ଠିକ୍ ସେମିତି କରିବ । ତମେ ନ କାନ୍ଦି ମରିଗଲା ପରି ଶୋଇ ପଡ଼ିଥିବ । ଯେତେବେଳେ ମୁଁ କା କା କରି ଜୋରରେ ରାବିବି ତୁମେ ଉଠି ଧାଇଁ ପଳେଇବ । ସକାଳ ହେଲା । ଶିକାରୀ ଆସିଲା । ହରିଣ ଜାଲରେ ପଡ଼ି ମରି ଯାଇଥିବା ଦେଖି ବହୁତ ଖୁସି ହେଲା । ହରିଣ ଦେହରେ ଲାଗିଥିବା ଜାଲ ସବୁ ଫିଟାଇଲା । ଠିକ୍ ସେତିକି ବେଳେ କାଉ ଜୋର୍‌ରେ କା’ କା.. କା’ କା.. ରାବିଲା । ହରିଣ ହଠାତ୍ ଉଠି ଧାଇଁ ପଳାଇଲା । କାଉ ଏବଂ ହରିଣ ମନ ଖୁସିରେ ପଳେଇଲେ ।

# ଦୁମ୍‌ସି କୁନି’ ଲେଂଟା ଉଣ୍ଡାମ୍ (ବୁଢ଼ା ବୁଢ଼ୀ କଥା)

କୁନି’ ଉଂଡ଼ାମ୍ ଡୁଗୁନେନ୍ । ଅମାୟ’ନେନ୍ ମିର’ ସା ଅ’ଅନ୍ ଅଂଡ଼ାଏ ଉରା’ । ମାୟ୍’ ନେନୁବ’ ଦନ୍ ଦରବ ଗିମେ’ ମେଣ୍ଡା ବାଂଡ଼ି ଗୁଲାଏ, ଗିସିଂ ଗାଟିଅ’ ଡୁଗୁ ନେନ୍ । କୁନି ଉଂଡ଼ାମ୍ ନିତ୍ରେ ଗିସିଂ ସିର’ ଡ଼ୟଂ ସମ୍‌ତ ନେନ୍ । କୁନି ଡ଼ଂୟ୍‌ତ ମିୟ’ଲାଇ ତେର୍‌ତ । ଲାଇ ତେତେର୍ ବେଲା ମାୟ୍‌ନୁବ’ ଚାଟେକ୍ ଲାଇ ଚାଟେକ୍ ସେଲି ଡେମ୍ ଲାଇ ତେର୍‌ତ ସେଲି ତେର୍‌ଗୁ ନୁ ମାୟ୍ ସବ୍‌ଗୁ ବେ’ତ ମିଅଁ ମୁକ୍‌ଲା କାଂ ଉଂଣ୍ଡାମ୍ ଲାୟ୍ ବେଡ଼୍’ ସୁ ଏ ଉଂଣ୍ଡାମ୍ ସେଲି ତେର୍‌ବେ ଡ଼ି’ତ ।  ଉଂଣ୍ଡାମ୍ ସେଲି ତେର୍‌ତ ଦୁଇ ଲକ୍ ଲାୟ ସମାନ୍ ଡେମ’ । ସମ୍ ସମ୍ ଏଲ୍ ମିସ୍‌ତେ ଲେ’ଗୁ ସମ୍‌ତ ନେନ୍ । କୁନି ସମ’ ରିଂଗୁନା ଆଲୁଂଡ଼ି ସେଲି ତୁର୍‌ଗୁନା । କୁନି ସୁନ୍‌ତ, “ଏ ଉଂଡ଼ାମ୍ ସସମ୍ ଉରାତ ମିଅ’ ଅନିଂ ଅ’ ବେ’ତ ଉଣ୍ଡାମ୍ ଯେଡେ କନ୍ ମିଲେଇ ଗୁନା ସେଡେକନ୍ ସମ୍‌ତ ମିଅ’ ଚୁପ୍ ଗୁ ବେତ ।



ବୁଢ଼ାବୁଢ଼ୀ ଥିଲେ । ସେମାନଙ୍କର ଗୋଟିଏ ମଧ୍ୟ ପିଲାଛୁଆ ନାହାଁନ୍ତି । ସେମାନଙ୍କର ଧନଦୌଲତ, ଛେଳି, ମେଣ୍ଢା, ଗାଈ, ଗୋରୁ ଓ କୁକୁଡ଼ା ବହୁତ ଥିଲେ । ବୁଢ଼ାବୁଢ଼ୀ ପ୍ରତିଦିନ କୁକୁଡ଼ା ତରକାରୀ ଖାଆନ୍ତି । ବୁଢ଼ୀ ରୋଷେଇ କରେ ଆଉ ଭାତ ବାଢ଼େ । ବାଢ଼ିବା ବେଳେ ନିଜ ପାଇଁ ଗୋଟିଏ ଚଟୁ ଭାତ ଓ ଗୋଟିଏ ଚଟୁ ମାଂସ ବାଢ଼େ । ମାଂସ ଥିବା ଥାଳି ସେ ଖାଏ ଓ ସାଧା ଭାତ ଥିବା ଥାଳିକୁ ବୁଢ଼ାକୁ ଦିଏ ଏବଂ ମାଂସ ବାଢ଼ିବାକୁ କୁହେ । ବୁଢ଼ା ହାଣ୍ଡିର ମାଂସକୁ ଦୁଇଜଣ ପାଇଁ ସମାନ କରି ବାଢ଼େ । ଖାଇବା ସମୟରେ ମିଶି ଏକାଠି ବସି ଖାଆନ୍ତି । ବୁଢ଼ୀ ଖାଇଗଲେ ଭାତ ଭିତରେ ଥିବା ମାଂସ  ବାହାରିଲେ କୁହେ ଏ ବୁଢ଼ା ନ ଖାଇ ମୋତେ ହିଁ ଦେଇଦିଏ ।

ଏମ୍ ତାରି ଦିନ୍ ଉଜି' ବାର୍ ଉଜି', ମାସ୍ ମାସ୍ ଗଡେୟ୍ ଗୁ ଉଜି' । କୁନି ଦିନ୍‌କେ ଦିନ୍ ଦୁମ୍ ଦୁମା ଡେଂଗୁ ନେରିଗୁ । ଉଂଡ଼ାମ୍ ଦିନ୍ କେ ଦିନ୍ ଟେଂନ୍‌କା ମୁନାଗ୍ଂ ଡେଂଗୁ ଉଜି' । ଉଂଗମ୍ ନୁ ଲକ୍ ନେନ୍ ସୁନ୍ ସୁନ୍ ଲେୟ୍‌ଗୁ ନେନ୍ । ଏମ୍‌ରାନ୍, ମଡ଼ଆବା ଦିନ୍ କେଦିନ୍ ଉସର୍ ଗୁ ଉଜି' ନମ୍ ନି । ଏ.. କ ସେ..କ ଉଂଡ଼ାମ୍ ଲାୟ୍ ଚିଂତା ଚାପେୟ' । ଉଂଗମ୍ ନୁ ଚାଲାକି ଲକ୍ ମିର' ଡୁଗୁ । ଉଣ୍ଡାମ୍ ଲାୟ୍ ସୁନ୍‌ତୁ ନିଂ, ନି ସୁନ' ନୁ ମୁନାଂ ଡେମ' ନା, ନମ୍ ସା ମଡ଼ ୟଗ୍ଂ ନୁ ମୁନାଂ ନେରି ଲଂ ନମ୍ । ଉଂଣ୍ଡାମ୍ ସୁନ । "ଆଲେ ତାଇକି ବବ ଅନିଂ ସୁନ' ଇଂଡେ" । ସବୁ ଲକ୍ ସୁନ' ନେନ୍ ନି ଉସର୍ ଗୁ ଉଜି' ନମ୍ ନି ଡ଼ିଅସୁ । ନମ୍ ଆରେନ୍ ଡେଡେମ୍ ଲାଇ ସୁନ' ନା ସେମ୍‌ତାରି ଡେମ୍‌ତୁ ନିଂ ।



ବୁଢ଼ା ଭାଗରେ ଯେତିକି ପଡ଼ିଥାଏ ସେ ସେତିକି ଖାଇ ଚୁପ୍‌ଚାପ୍ ରହେ । ଏହିଭଳି ଦିନ ଗଲା, ଦିନ ପରେ ମାସ ଗଡ଼ିଗଲା । ବୁଢ଼ୀ ଦିନକୁ ଦିନ ଖାଇ ପିଇ ମୋଟା ସୋଟା ହୋଇଗଲା । ବୁଢ଼ା ଦିନକୁ ଦିନ ଦୁର୍ବଳ ହୋଇ ଶୁଖିଗଲା । ଗାଁର ଲୋକମାନେ କହିବାକୁ ଲାଗିଲେ କେମିତି ବଡ଼ବାପା ଦିନକୁ ଦିନ ଶୁଖି ଯାଉଛ । ଯେ ଦେଖିଲେ ସେ କହିଲେ ବୁଢ଼ାକୁ ଚିନ୍ତା ଲାଗିଲା । ଗାଁରେ ଚାଲାଖି ଲୋକ ଜଣେ ଥିଲେ, ସେ ବୁଢ଼ାକୁ ବୁଝାଇଲା ଆଉ କହିଲା ମୁଁ କହିଲା ଭଳି କଲେ ତୁମେ ମଧ ବଡ଼ ମାଁ ଭଳି ମୋଟା ହେବ । ବୁଢ଼ା କହିଲା ମୋତେ କ'ଣ କରିବାକୁ ହେବ ବାବୁ । ଲୋକମାନେ କହୁଛନ୍ତି ଶୁଖି ଯାଉଛ ବୋଲି ତୁମେ ଯେମିତି କହିବ ମୁଁ ସେମିତି କରିବି ।

ତୁ ଲକ୍ ଉଂଡ଼ାମ୍ ଲାୟ୍ ଅବ୍‌ଗିର’ ବେଡ଼୍’ କି ନମ୍ ନୁଲାଇ କୁନି’ ଲାଇୟବେ । କୁନି’ ଉଂଟା ଗୁନା ସା ବଲିମତ୍ ଡେମ୍ । ଉରା’ ନା ଜବର ଜତ୍ ଡେମ୍ ସୁ କୁନି’ ନୁଲାଇ ସମ୍ । ଗ୍ଢ଼ାଆ’ ଜୁତୁ ନମ୍ । ନମ୍ ସା ମାସେକ୍ ବ କୁନି ନୁ ମୁନାଂ ନେରି ଲଂଗ୍ ନମ୍ । ଉଂଡ଼ାମ୍ ମନେ ମନେ ଆରେନ୍ ଡେମ’ ଚାଡ଼ା ତୁ ନିଂ ଡ଼ିଅ’ ସୁ ଏତାଅ ମିଅ’ ଡ଼ିଏନ୍‌ବ ଉଜି’ । ନିତ୍‌ରେ ନୁ ମୁ ନାଂ ଗିସିଂ ସିର’ ଡ଼ୟଂ ନେନ୍ କୁନି ନିତ୍‌ରେ ନୁ ମୁନାଂ ସେଲି ଲାୟ୍ ତେର୍‌ଗୁ । ଉଣ୍ଡାମ୍ ନୁ ଜିବନ୍ ଦୁଡୁକ୍ ଦୁଡୁକ୍ ଡେଂଗୁ କୁନି’ଲାୟ୍ ସୁସାରେ ମାୟନୁ ଲାଇ ବାଟା ଲୁଡ଼୍’ ସିନା କୁନି ଆର୍ ବେ’ତ । ଉଣ୍ଡାମ୍ ମଡ଼୍‌ଗୁସୁ କୁନି ନୁ ଲାଇବାଟା ଚାଡ଼ା ରିଅଁ ସମ୍ ସମ୍ ଲେୟ୍‌ଗୁ । କୁନି ରିସା ଗୁ ଉଜି’ ଉଣ୍ଡାମ୍ ଲାୟ୍ ଗୁର୍ ଗୁର୍ ଡେଂଗୁ ଉଣ୍ଡାମ୍ ନୁ ବାଟା ଲାଇ ରିଂଗୁ ସସମ୍ ଲେଇଗୁ ।



ସେହି ଲୋକ ବୁଢ଼ାକୁ ବୁଝାଇଲା କି ବୁଢ଼ୀକୁ ଭାତ ଅଧିକ ଦେ ସେ ମନା କଲେ ଖୁସାମତ କର ନ ହେଲେ ଜବରଦସ୍ତ ଛଡ଼ାଇ ଖାଇପକା ଦେଖିବ ତୁମେ ମଧ୍ୟ ମାସକ ଭିତରେ ବୁଢ଼ୀ ପରି ମୋଟା ହୋଇଯିବ । ବୁଢ଼ା ମନେ ମନେ କିପରି ଛଡ଼ାଇବ ବୋଲି ଚିନ୍ତା କଲା ଓ ଘରକୁ ଗଲା ।  ପ୍ରତିଦିନ ଭଳି କୁକୁଡ଼ା ମାରି ମାଂସ ତରକାରୀ କଲେ, ବୁଢ଼ୀ ସବୁଦିନ ଭଳି ମାଂସ ନିଜ ପାଇଁ ବାଢ଼ିଲା । ବୁଢ଼ୀର ଜୀବନ ଦକ୍ ଦକ୍ ହେବାକୁ ଲାଗିଲା । ବୁଢ଼ୀକୁ ଧିର ସ୍ଥିର ତାହାର ଖାଇବା ଖାଦ୍ୟ ମାଗିଲା କିନ୍ତୁ ବୁଢ଼ୀ ଦେଲା ନାହିଁ । ବୁଢ଼ା ଉଠିପଡ଼ି ବୁଢ଼ୀର ଖାଇବା ଖାଦ୍ୟ ଛଡ଼ାଇ ଆଣି ଖାଇବାକୁ ଲାଗିଲା । ବୁଢ଼ା ଖାଉ ଖାଉ ଭିତରୁ ମାଂସ ବାହାରୁ ଥାଏ । ସେ ବୁଢ଼ୀକୁ ଚିଡ଼େଇଲା ।

ଉଣ୍ଡାମ୍ ସମ' ରିଂଗୁ ନା ବାଟା ଆଲୁଂଡ଼ି ସେଲି ତୁର୍‌ଗୁ ନି । ଉଣ୍ଡାମ୍, କୁନି ଲାୟ୍ କିଜା । ଏ କୁନି ମିଡ଼ିଂନୁ  କେରଂ କାମାନି ବଡେ ଡ଼ଉଲ୍, ଲାଇ ସମ' ନା ସେଲି ତୁର୍‌ଗୁନି କୁନି ମନେ ମନେ ରିସାଗୁ ମିଅଁ ଏକେ ତେନ୍ ଆତୁ ତେନ୍ ଡେମ ଆଲଗୁ ସୁ ସୁନ ନିଂ ଏଡେ ମାଂଡ଼୍ ପାଇଟି ଡେମ' ନିଂନି । ଉଣ୍ଡାମ୍ ସୁନ' ନିଂ ସା ଅଂଜିର୍ ଅଂଜିର୍ ସୁୟ୍ ଉଜି' ନିଂ ନି । ଉରାନା ନମ୍ ବିୟେର୍ ଡ଼ି' ସୁୟ୍ ରିଂଆଁ । କୁନି ସୁନ' ନମ୍ ବିୟେର୍ ଡ଼ି' କେରଂ ତଗ୍ଂ, ଲାଇ ଡଁୟ୍, ଇଡ଼ା' ଗଲେଇ ମା ଡ଼ଂୟ୍ । ଉଣ୍ଡାମ୍-ଉଁ ଡ଼ିଅ । ମିଅଁ' ସୁନ' ସୁୟ୍ ରିଆଁ ସିନା କାସ୍ ଜୁଅ' ସୁ ସୁୟ୍ ଉରା'ନା ଅନମ ଡୁତୁ । କୁନି ସୁନ ନମ୍ ସା ଲାଇ ଡ଼ୟଁ ସିନା ଟିପ୍‌ସା ମାରେ' ରୁକୁକ୍ ଗିମ୍ ଉରା'ନା ଅନମ୍ ସା ଡୁତୁ ।



ଏ ବର୍ଷର ଧାନ ବହୁତ ଭଲ, ଭାତ ଖାଇଲେ ମାଂସ ବାହାରୁଛି । ବୁଢ଼ୀ ମନେ ମନେ ରାଗିଲା ଆଉ ଏଣେ ତେଣେ ହୋଇ କହିଲା ମୁଁ ବହୁତ କାମ କରୁଛି । ବୁଢ଼ା କହିଲା ମୁଁ ମଧ୍ୟ ସକାଳୁ ସକାଳୁ ହଳ କରିବାକୁ ଯାଏ । ନ ହେଲେ ତୁମେ କାଲିଠାରୁ ହଳ କରିବାକୁ ଯାଅ । ବୁଢ଼ୀ କହିଲା ତୁମେ ମଧ୍ୟ କାଲିଠାରୁ ଧାନ ଖୁଣ୍ଟିବ, ରୋଷେଇ କରିବ, ମାଣ୍ଡିଆ ଜାଉ କରିବ, ତରକାରୀ କରିବ । ବୁଢ଼ା ହଁ କହିଲା ଆଉ କହିଲା ହଳ କରିବାକୁ ଗଲେ ହିଡ଼ ଦେଖି ହଳ କରିବୁ ନ ହେଲେ ଦେଖିବୁ । ବୁଢ଼ୀ କହିଲା ତୁମେ ମଧ୍ୟ ଭାତ ରୋଷେଇ କରିବ କିନ୍ତୁ ଟିପ୍‌ସା ମାରି ଚାଉଳକୁ ପୁଣିବୁ ନ ହେଲେ ତୁ ମଧ୍ୟ ଦେଖିବୁ ।  ବୁଢ଼ୀ ହଳ କରିବାକୁ ଗଲା ବଳଦ ମାନଙ୍କୁ ବାନ୍ଧିଲା

କୁନି’ ସୁୟ୍ ରିଂଗୁ ବାଣ୍ଡି ଜଡ଼େଅ’, ମିଅଁ କାସ୍ ତର’ ଆଲ୍‌ଗୁ । କାସ୍ ତର’ ତର’ ବେଲ୍ ବୁଡ଼ା ମିଅଁ ବାଂଡ଼ି ତଗ୍‌ରିଅ’ ବେଡ଼’ ମଗୁ ପିଂଗୁ ଡଂଣ୍ଡାମ୍ ଲାୟ୍ ସୁନ’ ଏ ଡଂଡ଼ାମ୍ କାସ୍ ନମ୍ ବନ’ ବଅଁ, ତର’ ତର’ ତାକେଇଗୁ ନିଂ । ଡଂଡ଼ାମ୍ ସୁନ କାସ୍ ଡ଼ିଅନା ସୁୟନା ତୁବଗ୍ ବେଗ୍‌ଲେଇ ଗୁନୁ ଲାୟ୍ ସୁନ୍‌ତ’ ନେନ୍ ଡନୁ ଲାୟ୍ ଜୁଅ’ସୁ ସୁୟ୍ ଡ଼ିଅ’ ନିଂ । ତର’ ନା ବନ’ ମିଲେୟ୍ ଲଂ । କୁନି’ ସୁନ’ ଆଲେ ନମ୍ ଡ଼ୟଁ ନମ୍ କି ଅର’ୟ୍ । ଡଣ୍ଡାମ୍ ସୁନ’ ନମ୍‌ସା ଟିପ୍‌ସା ବନ ବଅଁ ନମ୍ ଡୁତୁ ଆଲେ ତର’ ତର’ ଆର୍‌ଗଁତ ନିଂ । କୁନି ସୁନ’ ଟିପ୍‌ସା ବନ’ ଡୁତ ଟିପ୍‌ସା ଡ଼ିଅନା ଗିଗିମ୍ ଏଲ୍ କିଚବ୍ ଲାୟ ବାଜାନୁ    ଟିପ୍‌ସା ଡ଼ି’ ତ ନେନ୍ । ଏମ୍ ତାର୍ ଡେଂଗୁ ମୁର୍ ମୁର୍ ଦୁଂ ଦୁଂ ଡେଂଗୁ କୁଡୁ ଡୁଗୁ ନେନ୍ । ମିଅଁ ଲାୟ୍ ନୁ ପାଇଟି ମାୟ୍ ଡେଡେମ୍ ଡ଼ିଅ’ ସୁନ’ ନେନ୍ ।



ଏବଂ ଆଗେ ଧରିଥିବା ହିଡ଼କୁ ଖୋଜି ବୁଲିଲା । ଖୋଜୁ ଖୋଜୁ ବେଳ ଗଡ଼ିଗଲା । ପରେ ହଳକୁ ଛାଡ଼ିଦେଇ ଘରକୁ ଫେରିଲା । ବୁଢ଼ାକୁ ଆସି କହିଲା ବୁଢ଼ା ହିଡ଼ କେଉଁଠାରେ ରଖିଛ ? ଖୋଜି ଖୋଜି ହାଲିଆ ହୋଇଗଲି । ଖୋଜିଲେ କେଉଁଠି ମିଳିବ । ବୁଢ଼ୀ କହିଲା କାହିଁ ତୁମେ ରୋଷେଇ କଲ କି ନାହିଁ । ବୁଢ଼ା କହିଲା ତୁମେ ମଧ୍ୟ ଟିପ୍‌ସା କେଉଁଠାରେ ରଖିଛ ମୁଁ ଖୋଜି ପାରିଲି ନାହିଁ । ବୁଢ଼ୀ କହିଲା ଟିପ୍‌ସା କୁଆଡ଼େ ରଖିହେବ ଟିପ୍‌ସା କହିଲେ ଚାଉଳ ଅଲଗା କଲାବେଳେ କୁଲାକୁ ବାଁ ହାତରେ ବଜାଇବାକୁ ଟିପ୍‌ସା କହନ୍ତି । ଏହି ଭଳି ଗେଁ ଗେଁ ପେଁ ପେଁ ହୋଇ ଭୋକରେ ରହିଲେ । ଆଉ ଯାହାର କାମ ସେ କରିବ ବୋଲି କହିଲେ ।

# ଚତୁର କଲିଆ (ଚତୁର ବିଲୁଆ)

କନ୍‌ଡା ମାଲି ବିରଂବ’ ବନ୍‌ନୁ ରାଜା ସିଅଁ ଡୁଗୁ । ମାୟ୍ ନିତ୍‌ରେ ପାଲିଆ ଡେମ’ ମୁୟ୍ ମୁୟ୍ ଜତ୍ ଲାୟ ସମ୍ ସମ୍ ଡୁଗୁ । ମୁସନ୍ କଲିଆନୁ ପାଲିପିଂଗୁ । ମାୟ୍ ମାଅ’ ମାଅ’ ଅଲ୍‌ସମ୍‌ଗୁ ପିଂଗୁ ସିଅଁ ସାଲାଗ’ ମାଂଡେମ୍ ନମ୍ ଏତେକ୍ ଅଲ୍‌ସମ୍‌ଗୁନମ୍ ପିଂଗୁ । କଲିଆ ସୁନ’ ଉରା’ ମାମୁଂ କୁରୁଂବ’ ମୁୟ୍ ନମ୍‌ନୁଡି’ ମଡ଼କାଂ ସିଅଁ ଅଟ୍‌କା ଡୁଗୁ । ମାୟ୍ ଅନିଂ ସମ୍‌ତୁନିଂ ଡିଅ’ ସୁସୁନ୍ ଡୁଗୁ । ଏ ସାମ ଅଂଅ’ ସିଅଁ ରିସା ଗୁଉଜି’ ମେସ୍ ମଡ଼େୟ୍‌ଗୁ ସୁନ’ ଡ ଉୟାନା’ୟ୍ ମାୟ୍



କଣ୍ଡାମାଳି ପର୍ବତରେ ବଣର ରାଜା ସିଂହ ଥିଲା । ସେ ପ୍ରତିଦିନ ପାଳି କରି ଗୋଟିଏ ଗୋଟିଏ ଜୀବକୁ ଖାଉଥିଲା । ଦିନେ ବିଲୁଆର ପାଳି ପଡ଼ିଲା । ସେ ଜାଣି ଶୁଣି ଟିକେ ଡେରିରେ ଆସିଲା । ସିଂହ ପଚାରିଲା କାହିଁକି ତୁମେ ଡେରିରେ ଆସିଲ । ବିଲୁଆ କହିଲା ନାହିଁ ମାମୁଁ ବାଟରେ ଗୋଟିଏ ତୁମ ଠାରୁ ବଡ଼ ସିଂହ ଅଟକାଇ ଥିଲେ । ସେ ମୋତେ ଖାଇବ ବୋଲି କହୁଥିଲା । ଏକଥା ଶୁଣି ସିଂହ ରାଗିଗଲା ।

କେଡ଼େକ୍ ମଡ଼ ଡୁତୁ । କଲିଆ ସିଅଁଲାୟ୍ ମୁୟ୍ କୁଇଁସାଲ୍‌ବ’ ରିଂଗୁ ଅବ୍ ସେୟ’ । କୁଇଁସାଲ୍‌ବ’ ମାୟ୍‌ନୁମୁନାଂ ମିୟ’ ମୁୟ୍‌ର’ ସିଅଁ ଜୁଅ’ ଗାଟିଅ’ ରିଗାସୁ ମିଅ’ ଗର୍‌ଜନ୍ ଡ଼େମ’ । ମା’ୟ୍‌ନୁ ବୁଡ଼ୁଂ ଜୁଜେୟଲଂନି ଡିଅ’ କୁଇଁ ସାଲ୍ ଆଲୁଂ ଇର’ ବେଡ’ । ମାୟ୍ ମିୟ’ କୁଇଁସାଲ୍‌ଡି’ ତବ୍‌ନାଂ ଡାଡା’ୟ୍ ଆର୍‌ଗଂତ । ତିର୍‌ଗି’ କଲିଆ ସାର୍‌ଦା ଡେଂଗୁ ମେ’ଡିଅ’ ମେ’ଡିଅ’ ବନ୍ ଆଲୁଂ ମ’ଗୁଉଜି’ ।

ସାସବ’ ଡୁତୁ-ବୁଦି ବଲ୍‌ରେ ଉପାୟ୍ ମିଲେୟ୍‌ତ ।



ନିଶକୁ ମୋଡ଼ି କହିଲା, ଚାଲ ଯିବା ସେ କେତେ ବଡ଼ ଅଛି ଦେଖିବା । ବିଲୁଆ ସିଂହକୁ ଗୋଟିଏ କୂଅରେ ନେଇ ଦେଖାଇଲା । କୂଅରେ ତାଙ୍କ ପରି ଆଉ ଗୋଟିଏ ସିଂହ ଦେଖି ବହୁତ ରାଗିଗଲା ଆଉ ଗର୍ଜନ କଲା । ତା ସହିତ ଲାଗିବା ପାଇଁ କୂଅ ଭିତରକୁ ଡେଇଁ ପଡ଼ିଲା । ସେ ଆଉ କୂଅ ଭିତରୁ ବାହାରି ପାରିଲା ନାହିଁ । ପରେ ବିଲୁଆ ବଡ଼ ଆନନ୍ଦରେ ନାଚି ନାଚି ବଣ ଭିତରକୁ ଚାଲିଗଲା ।

କଥାରେ ଅଛି – ବୁଦ୍ଧି ଥିଲେ ଉପାୟ ମିଳେ ।

# ବୁୟାଂ ବାଟା (ଭାଇ ଭାଗ)

ମିର' ଊଂଗମ୍ ବ' ଦୁଇ ବାଇ ଡୁଗୁ ନେନ୍ । ମଡ଼ ବୁୟାଂ ନୁ ଇମି ଦବ୍‌ଲୁ, ମିଅଂ ମିଏନ୍ ବୁୟାଁଗ୍ ନୁ ଇମି ମଂଗୁଲୁ । ମିର' ଦିନେ ଦବ୍‌ଲୁ ସୁନ'ଏ ମଂଗୁଲୁ ନାୟ'ନୁ ତ' ଇଗ୍ଂ, ଆପୁଂ ଗୟ୍'ଗୁ ଉଜିନେନ୍ । ଇଗ୍ଂ, ଆଫୁଗୁ ଦନ୍, ସପତି, ଦୁଇ ବାଟା ଡେମ' ସମ୍ ସମ୍ ଡୁତୁ । ଦନ୍ ଡ଼ିଅନା' ମିଅ' ମାଂଟା', ପାଟାଇ ମିର, ନଡ଼ିଆ ସୁଲବ ମିର, କି' ତାଂ' ମିର' ଡୁତୁ । ମଡ଼ ବୁୟାଂ ଦବ୍‌ଲୁ ସୁନ' ପାଟାୟ୍ ନଏଲ୍ ନଏଲ୍ ନିଂନୁ, ଅଂଜିରେଲ୍ ଡ଼ି ନମ୍‌ନୁ । ମଂଗୁଲୁ ସୁନ' ଆଲେ ତା'ଇ । ଦବ୍‌ଲୁ ସୁନ' ନଡ଼ିଆ ସୁଲ'ବ ବୁଂଦ୍ କୁରୁଂଗ୍ ନମ୍‌ନୁ ଟିଫ୍ କୁରୁଂଗ୍ ନିଂନୁ । ମଂଗୁଲୁ ସୁନ ଆଲେ ତା'ଇଲି । ଦବ୍‌ଲୁ ସୁନ' କିତାଂଗ୍‌ନୁ ଲେଂଜ୍ କୁରୁଂ ନିଂନୁ, ବବ୍ କୁରୁଂ ନମ୍‌ବୁ । ମଂଗୁଲୁ ସୁନ' ଆଲେ ତା'ଇଲି ।



ଗୋଟିଏ ଗାଁରେ ଦୁଇ ଭାଇ ଥିଲେ । ବଡ଼ ଭାଇର ନାମ ଦବଲୁ ଓ ସାନ ଭାଇର ନାମ ମଂଗୁଲୁ । ଦିନେ ଦବଲୁ କହିଲା, ଏ ମଂଗୁଲୁ ଆମର ତ ମାଆ ବାପା ମରିଗଲେ । ମାଆ ବାପାଙ୍କର ଧନସଂପତି ଦୁଇ ଭାଗ କରି ଖାଇବା ଦରକାର । ଧନ କହିଲେ ଆଉ କ'ଣ, ଲୁଗା ଗୋଟିଏ, ନଡ଼ିଆ ଗଛ ଗୋଟିଏ ଗାଈ ଗୋଟିଏ ରହିଛି । ବଡ଼ ଭାଇ ଦବଲୁ କହିଲେ, ଲୁଗା (କମ୍ବଳ), ରାତିରେ ରାତିରେ ମୋର ସକାଳେ ସକାଳେ ତୋର । ମଂଗୁଲୁ କହିଲା ହଉ ଠିକ୍ ଅଛି । ଦବଲୁ କହିଲା ନଡ଼ିଆ ଗଛର ତଳପଟେ ତୋର ହେଉ ଅଗପଟ ମୋର ହେଉ । ମଂଗଲୁ କହିଲା ହଉ ଠିକ୍ ଅଛି ।

**ତେତେର୍ ସାରେଇଗୁ, ମାସେକ୍ ଦୁଇମାସ୍ ଉଜି’ । ରୁଅଁ ଦିନ୍ ପିଂଗୁ । ଦବଲୁ ନୟ’ ଏଲ୍ ପାଟାଇ ଡାଲଗୁ ଡୁଡ଼ି ତ, ମିଅଁ ମଂଗୁଲୁ ତର୍ ତରେଇଗୁ ତର୍ ତରେଇଗୁ ଡୁଡ଼ିତ । ମଂଗୁଲୁ ଆରେନ୍ ଡେମ୍ତୁ ନିଂ ଡ଼ିଅ ଏତା ସୁଅଁ । ମୁସନ୍ ନଣ୍ଡି ବେଲା ପାଟାଇ ଲାୟ୍ ଡ଼ା ଚବାଲେ ବେଡ’ । ଦବ୍ଲୁ ସା ପାଟାଇ ଡ଼ାଡ଼ାଲ ଆର୍ ଗଂତ । ମଂଗୁଲୁ ନିତ୍‌ରେ ଏମ୍‌ତାରି ଡେମ’ । ଦବଲୁ ସୁନ’ଏ ବୁୟାଁ ଇତ’ ଆର୍ ଡେମ୍ ବେ ବିଏରଡ଼ି ଦୁଇ ବାଇ ମିସ୍‌ତେ ଡ଼ାଲାନାୟ୍ ବେ’ । ମଂଗୁଲୁ ସୁନ’ ଆଲେ ତାଇଲି । କେତେକ୍ ଦିନ୍ ଉଜି’ ନଡ଼ିଆ ସୁଲ ବ୍’ ନଡ଼ିଆ ଡେଂଗୁ । ଦବ୍ଲୁ ଟିପ୍ କୁରୁଂଗ୍ ଡ଼ିଅ’ ଡୁଗୁ ।**



ଦବଲୁ କହିଲା ଗାଈଟିର ଲାଞ୍ଜି ପଟ ମୋହର ହେଉ ଆଉ ଆଗପଟ ତୋର ହେଉ, ମଂଗୁଲୁ କହିଲା ହଉ ଠିକ୍ ଅଛି । ବର୍ଷା ସରି ମାସେ ଦୁଇମାସ ବିତିଗଲା । ଶୀତଦିନ ଆସିଲା । ଦବଲୁ ରାତିରେ ଆରାମ୍‌ରେ କମ୍ବଳ ଘୋଡ଼ାଇ ଶୁଏ ଆଉ ମଂଗୁଲୁ ଥରି ଥରି ଶୋଇଥାଏ । ମଂଗୁଲୁ କ’ଣ କରିବ ବୋଲି ଚିନ୍ତା କଲା । ଦିନେ ସଂଜ ବେଳା କମ୍ବଳକୁ ପାଣିରେ ଭିଜାଇ ଦେଲା । ସେହି ଦିନ ଦବଲୁ ମଧ୍ୟ କମ୍ବଳ ଘୋଡ଼ାଇ ପାରିଲା ନାହିଁ । ମଂଗୁଲୁ ପ୍ରତିଦିନ ସେହିଭଳି କାମ କଲା । ଦବଲୁ କହିଲା ଭାଇ ଏହି ଭଳି ଆଉ କର ନାହିଁ । ମିଶିକି ଘୋଡ଼େଇ ଶୋଇବା । ମଂଗୁଲୁ କହିଲା ହଉ ଆଉ ସେହିଭଳି କରିବି ନାହିଁ ।

ତେବେ ଦବଲୁ ସୁଲ ବ’ ଡ଼ାୟ୍ତ ମିଅ’ ନଡ଼ିଆ ସମ୍ତ । ମଂଗଲୁ ଲାୟ୍ ମିର’ ସା ବେ ବେ ଉରା ତ । ମଂଗଲୁ ନଡ଼ିଆ ମିର’ ଇଣ୍ଡେ ଡିଅ’ ଦବ୍ଲୁ ସୁନ୍ତ, ଟିପ୍ କୁରୁଂଗ୍ ନିଂନୁ ବୁଂଦ୍ କୁରୁଂଗ୍ ନମନୁ । ମିର ଦିନେ ଆରେନ୍ ଡେମ୍ତୁ ନିଂ ଡ଼ିଅ ମଂଲୁ ଏତାଅ’ । ମିଅ’ ଦବଲୁ ସୁଲ ବ’ ଡ଼ାୟ୍ଗୁନୁ ବେଲା ଟେଂଗିଆ ମିର’ ରିଂଅଁସୁ ବୁଂଦେ ଏର୍ ଏର୍ ଲେୟ୍ଗୁ । ଦବଲୁ ସୁନ’ “ଏୟ୍ ମାଂ ଡେମ’ ନମ୍ ନି, ମଂଲୁ ସୁନ ବୁଂଦ୍ କୁରୁଂ ନିଂନୁ । ନିଂ ବୁଂଦ୍ ଲାୟ୍ ଅବ୍ଲ ନିଂ ନି । ନିଂ ନୁ ମନ୍ ଅନମ୍ ମାଂଗ୍ ଡେଂଗୁ । ଦବଲୁ ପଚେ ସୁନ “ସୁଲବ୍ ନୁ ନଡ଼ିଆ ପଲ୍ ତେର’ ସମ୍ନାୟ୍” ଡ଼ିଅ । ମଂଗୁଲୁ ରାଜି ଗୁ, ଆଲେ ତା’ଇ ଡ଼ିଅ ।



ସେହିପରି କେତେଦିନ ଗଲା । ନଡ଼ିଆ ଗଛରେ ନଡ଼ିଆ ହେଲା । ଦବଲୁ ଗଛର ଅଗ ପଟ ନେଇଥିଲା । ତେଣୁ ସେ ଗଛରେ ଚଢ଼ି ନଡ଼ିଆ କାଢ଼ି ଖାଏ । ମଂଗୁଲୁକୁ ଗୋଟିଏ ମଧ ଦିଏ ନାହିଁ । ମଂଗୁଲୁ ନଡ଼ିଆ ମାଗିଲେ ଦବଲୁ କହେ ଅଗ ପଟେ ମୋର ମୂଳ ପଟେ ତୋହର । ମୁଁ କେମିତି ନଡ଼ିଆ ଦେବି । ଦିନେ କ’ଣ କରିବି ବୋଲି ଚିନ୍ତା କଲା ଏବଂ ଦବଲୁ ଗଛରେ ଚଢ଼ିବା ସମୟରେ ଟାଙ୍ଗିଆରେ ଗଛର ମୂଳକୁ ହାଣିବାକୁ ଲାଗିଲା । ଦବଲୁ କହିଲା ଏ ମଂଗଲୁ କ’ଣ କରୁଛୁ ? ମଂଗୁଲୁ କହିଲା ମୂଳକୁ ମୋ ମୂଳକୁ ହାଣୁଛି । ମୋ ଇଚ୍ଛା । ତୋର କ’ଣ ଗଲା । ଦବଲୁ ପଛରେ କହିଲା, ଗଛର ନଡ଼ିଆ ବାଣ୍ଟି ଖାଇବା ।

ମିଅଁ କେତେକ୍ ଦିନ୍ ଉଜି' । କିତାଂଗ୍ ଲଗ୍ଡ଼ାୟ୍ ଗୁ । ଦବଲୁ ଲେଂଜ୍ କୁରୁଂ ଡ଼ିଅସୁ ମାମା ରୟ୍ସ' ରିଂତ । ମଂଗଲୁ ସାଗା' ରିଂଅ ଅବ୍ସମ୍ତ । ଏମ୍ତାରି କେତେ ଦିବ୍ ଉଜି' । ମଂଗଲୁ ଲାୟ୍ କଂଣ୍ଡେକ୍ ସା ବେବେ ଉରା'ତ । ମଂଗଲୁ ଏତା' ଏରାନ୍ ଡେମ ତୁ ନିଂ ଡ଼ିଅ' । ଦିନେକ୍ ଦବ୍ଲୁ ମାମା ରରୟ୍ ଏଲ୍ ଡ଼ାଂ ମିର' ରିଅଁ ସୁ ବ'ବ ବୁଅ  ବେଡ଼ୁ । କିତାଂ ଡେଗ ଉପଡ଼୍ ଡେଂଗୁ । ମାମା ରରୟ୍ ଲାୟ୍ ଦାରା ଆର୍ ବେ'ତ । ଦବଲୁ ସୁନ' ଏ ବବ ଆ' ଡି'କେ ଏମ୍ତାରି ଆର୍ ଡେମ୍ ନିଂ ବେ । ଦୁଇ ବାଇ ତେର୍ଗୁ ସୁ ସମ୍ ନାୟ ବେ । ସବୁ ଜାକ ମିସେୟ୍  ବିଡେଇ ଗୁ ସମ୍ ନାୟ୍ବେ ମିଅ ପାୟ୍ଟି ଡେମ୍ ନାୟ୍ ବେ ।



ଏହା ଶୁଣି ମଂଗୁଲୁ ହଉ ତାହାହେଲେ ଠିକ୍ ଅଛି ବୋଲି କହିଲା । ପୁଣି କେତେଦିନ ଗଲା ପରେ ଗାଇ ବାଛୁରୀଟିଏ ଜନ୍ମ ଦେଲା । ଦବଲୁ ଲାଞ୍ଜପଟେ ମୋ ଭାଗ ବୋଲି କ୍ଷୀର ଦୁହେଁ ଓ ନେଇଯାଏ । ମଂଗୁଲୁ ଘାସ ଆଣି ଖାଇବାକୁ ଦିଏ । ସେହି ପରି କେତେଦିନ ବିତିଗଲା ମଂଗୁଲୁକୁ ଟିକେ ମଧ ଦେଲା ନାହିଁ । ମଂଗୁଲୁ ଚିନ୍ତା କଲା କ'ଣ କରିବି ? ଦିନେ ଦବଲୁ କ୍ଷୀର କାଢ଼ିବା ସମୟରେ ବାଡ଼ିଟିଏ ଆଣି ଗାଇକୁ ବାଡ଼େଇ ଦେଲା । ଗାଈ ଡେଇଁବାକୁ ଲାଗିଲା । ସେ ଆଉ କ୍ଷୀର ଦେଲା ନାହିଁ ଦବଲୁ କହିଲା, ଏ ବାବୁ ଏବେଠୁ ଆଉ ସେହିଭଳି କରିବି ନାହିଁ । ଦୁଇ ଭାଇ ବାଣ୍ଟିକୁଣ୍ଟି ଖାଇବା ଓ ମିଳିମିଶି କାମ କରିବା ।

# ଲବ୍‌ରା ରାଜା (ଲୋଭି ରାଜା)

ମୁୟ୍ ରାଜିବ’ ମିର’ ରାଜା ଡୁଗୁ ଡି’ତ । ମାୟ୍ ଗାଟିଅ’ ଲବ୍‌ରାକାଂ । ରାଜାନୁ ମିର’ ଟଟାବାଡ଼ି ଡୁଗୁ । ମୁସନ୍ ରାଜା ମେ’ଡିମ’କି ! ମାୟ୍ ଗାଟିଅ’ ଦନ୍ ମିଲା’ ଡୁତୁ ଡିଅ’ । ଏ ମେଡିମ’ନୁ ମାୟ୍‌ନୁ ମତ୍ରିଲାୟ୍ ସୁନ୍’। ମତ୍ରି ସୁନ’ ମୁୟ୍ ବିରୁ ଡେମ୍‌ନାୟ୍ ଜେମ୍‌ତିକି ମେ’ଡିମ’ନୁ ସତ୍ ଡେଲଂ । ରାଜା ସୁନ୍‌ତ ଉଁ ଡେମ୍‌ନାୟ୍ । ବିରୁ ଡେମ’ନେନ୍ । ବିରୁ ଡେଡେମ୍ ଡେଡେମ୍ ମାପ୍ରୁ ଗାଟିଅ’ ସାର୍‌ଦା ଡେଗୁଂ ଉଜି’ । ମିଅ’ ତୁନ’ ପିଗିଂସୁନ’ “ନମ୍‌ନୁ ବିରୁବ’ ନିଂ ମଏୟ୍‌ଗୁ ଆ’ମାଂ ବର୍ ଲୁ’ତୁନମ୍ ଲୁ’ । “ରାଜାସୁନ” ମାପ୍ରୁ ଅନିଂ ଇତ’ ବର୍ ଇଣ୍ଡେ କି ନିଂ ମାଂଟାଲାୟ୍ ତାରାମ’ନା ତୁନୁ ସନା ପାସ୍‌ଲେୟ୍‌ଗୁ ଉଏ’ ।



ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ସେ ଭାରି ଲୋଭି ଥିଲେ । ରାଜାର ଗୋଟିଏ ତୋଟା ଥିଲା । ଦିନେ ରାଜା ସ୍ୱପ୍ନ ଦେଖିଲେ କି ସେ ବହୁତ ଧନ ପାଇଯାଇଛି ବୋଲି । ଏ ସ୍ୱପ୍ନ ବିଷୟରେ ସେ ତା’ର ମନ୍ତ୍ରୀକୁ ପଚାରିଲା । ମନ୍ତ୍ରୀ କହିଲେ, ଗୋଟିଏ ପୂଜା କରିବା ଯେମିତି କି ସ୍ୱପ୍ନଟି ସତ ହେବ । ରାଜା କହିଲେ ହଁ କରିବା । ପୂଜା କରିଲେ । ପୂଜା କରୁ କରୁ ଠାକୁର ସନ୍ତୁଷ୍ଟ ହୋଇ ସେଠାରେ ଉଭା ହେଲେ । ସେଠାରେ ଠାକୁର କହିଲେ “ତୁମର ପୂଜାରେ ମୁଁ ସନ୍ତୁଷ୍ଟ ଏବେ ତୁମେ ମୋତେ କି ବର ମାଗୁଛ ମାଗ”।

ମାପ୍ରୁ ବର୍ବେଡ’ ମଡ଼୍ଗୁ ଉଜି’ । ରାଜା ବଡ଼େ ସାର୍ଦା ଡେଗୁଂ । ମାୟ୍ ସାରି ଆଡ଼ବ’ ଉଜି’ ସାରି ନେନ୍ଲାୟ ତାରାମ୍’ । ସାରି ସବୁ ସନା ଡେଗୁଂ ଉଜି’ । ମାୟ୍ନୁ ତିର୍ଗି’ ମାୟ୍ନୁ ଡିଏନ୍ ଲାୟ୍ ତାରାମ’ ଡିଏନ୍ସା ସନା ଡେଗୁଂଉଜି’ । ଏ ସାମ ଅଂଅ’ ଉଗଂମ୍ନୁ ଲକ୍ନେନ୍ ଜୁଜୁଲାୟ୍ ପିଗୁଂନେନ୍ । ମାୟ୍ନୁ ଅନ’ ଅନ୍ଡେୟ୍ ସା ଜୁଜୁଲାୟ୍ ପିଗୁଂ । ଉଗଂମ୍ନୁ ଲକ୍ ନେନ୍ଲାୟ୍ ସନା ବେ’ତୁନିଂ ଡିଅ’ ଲକ୍ନେନ୍ ଲାୟ୍ ସା ତାରାମ’ ବେଡ଼’ ତୁ ଲକ୍ ନେନ୍ ସା ସନା ଡେଗୁଂ ଉଜି’ ନେନ୍ । ମିଅ’ ତୁ ବେଲା ମାୟ୍ନୁ ଅନ’ ଅନ’ଲାୟ୍ ସା ତାରାମ’ ବେଡ଼’ ।



ରାଜା କହିଲେ ପ୍ରଭୁ ମୋତେ ଏପରି ବର ଦିଅ, ଯେପରିକି ମୁଁ ଯେଉଁ ଜିନିଷକୁ ଛୁଇଁଦେବି ସେହି ଜିନିଷ ସୁନା ହୋଇଯିବ । ଠାକୁର ବର ପ୍ରଦାନ କରି ସେଠାରୁ ଚାଲିଗଲେ । ରଜା ବଡ଼ ଖୁସି ହୋଇଗଲେ । ସେ ଫୁଲ ବଗିଚାରେ ଯାଇ ଫୁଲ ଗୁଡ଼ିକୁ ଛୁଇଁଦେଲେ, ଫୁଲ ସବୁ ସୁନା ହୋଇଗଲା । ତା ପରେ ତାଙ୍କ ଘରକୁ ଛୁଇଁଦେଲେ, ଘର ସୁନା ହୋଇଗଲା । ଏ କଥା ଶୁଣି ଗାଁ ଲୋକମାନେ ଦେଖିବାକୁ ଆସିଲେ । ତାଙ୍କ ଝିଅ ମଧ ଦେଖିବାକୁ ଆସିଲେ । ଗାଁର ଲୋକମାନଙ୍କୁ ସୁନା ଦେବି ବୋଲି ଲୋକମାନଙ୍କୁ ମଧ ଛୁଇଁଦେଲେ ।

ମାୟ୍‌ନୁ ଅନ’ ଅନ୍ ସା ସନା ପାଲ୍‌ଟେୟ୍ ଗୁଉଜି’। ତୁଇତ’ ରାଜା ସମ୍ ସମ୍‌ନୁ ସା ସନା ଡେଗୁଂ ଉଜି’ନେନ୍ । ମିଅ’ ତୁ ବେଲା ମାୟ୍‌ନୁ ଅନ’ ଅନ୍ ଲାୟ୍ ସା ତାରାମ’ ବେଡ଼’ । ମାୟ୍‌ନୁ ଅନ’ ଅନ୍ ସା ସନା ପାଲ୍‌ଟେୟ୍‌ଗୁଉଜି’ । ତୁଇତ’ ରାଜା ସମ୍ ସମ୍‌ନୁ ସା ସନା ପାଲଟେୟ୍‌ଗୁଉଜି’ ରାଜା ବର’ଗୁ, ମିଅ’ ମାପ୍‌ରୁ ଲାୟ୍ ଆୟ୍’ ସୁ ସୁନ’ । “ମାପ୍‌ରୁ ଅନିଂ ସନା ଦରକାର୍ ଉରା’। ନିଂନୁ ଅନ’ ଅନ୍, ନିଂନୁ ଉଗଂମ୍‌ନୁ ଲକ୍ ମିଅ’ ନିଂନୁ ସମ୍‌ସମ୍‌ନୁ ଆକ୍‌ତୁନୁମୁନାଂ ଡେମ’ବେ’ ଡିଅ’ ସୁନ୍‌ତ” । ମାପ୍‌ରୁ ଆଗାଡ଼ିନୁ ମୁନାଂ ଡେମ’ବେ’ତ । ତୁ ଡି’କେ ରାଜା ଲବ୍ ଡେଡେମ୍‌ନୁ ଅମ୍‌ତୁର’ ବେଡ଼’ ।



ସେହି ଲୋକମାନେ ମଧ୍ୟ ସୁନା ହୋଇଗଲେ । ସେହି ସମୟରେ ତାଙ୍କ ଝିଅକୁ ବି ଛୁଇଁଦେଲେ । ତାଙ୍କ ଝିଅ ମଧ୍ୟ ସୁନା ପାଲଟି ଗଲା । ସେହିପରି ରଜା ଖାଇବା ଜିନିଷ ମଧ୍ୟ ସୁନା ହୋଇଗଲା । ରଜା ଏ ସବୁ ଦେଖି କାନ୍ଦି ପକାଇଲେ ଆଉ ଠାକୁରଙ୍କୁ ଡାକି କହିଲେ, “ପ୍ରଭୁ ମୋତେ ସୁନା ଦରକାର ନାହିଁ, ମୋତେ ମୋ ଝିଅ, ମୋ ଗାଁର ଲୋକ ଆଉ ମୋର ଖାଦ୍ୟ ପୂର୍ବଭଳି କରିଦିଅ” ବୋଲି କହିଲେ । ଠାକୁର ପୂର୍ବଭଳି କରିଦେଲେ । ସେହିଦିନ ଠାରୁ ରଜା ଲୋଭ କରିବା ଭୁଲିଗଲେ ।

# ଉରଲୁ ମୁଜୁର ସୁର୍‌ଲୁ ସାର୍‌ଲା (ଉଙ୍ଗିଲା ମୟୂର ରହିଲା କଇଁଛ)

କୁନି’ ଉଙ୍ଗାଂମ୍ ଡୁଗୁନେନ୍ ଡି’ତ । ମାୟ୍‌ନେନୁବ’ ଅ’ଅନ୍ ଅନ୍‌ଡାୟ୍ ଉରା’ କି ଲିୟଂ ଲାଂବ ଉରା’ । କୁଲି ବୁତି ଡେମ’ ବୁରନ୍ ନେନ୍ ଡୁଗୁ । କୁନି’ ଉଡାଂମ୍ ମୁସନ୍ ସାର୍‌ଲଂଗୁ ମାଲା ଗାଗାଡେ ନେନ୍ । ଉନ’ କଡ଼କ୍ ପାପଡ଼ ଡେମ’ ମୁୟ୍ ଡା’ ଗିର୍ ଗିର୍ ଗିର୍ ଗିର୍ କେରଂ, ସା’ମେଲ୍, ଇରି, ଅଲ୍‌ସି, ରୁମା’, କାନ୍‌ଦୁଲ୍ ଡଗଂରାନି, ଜନା, ବଇଁତାଲ୍, ସାର୍‌ଲାୟ୍, ସେମି, ଜୁଡୁଗ୍ଂ, ଲାଉ ମିଅ’ ମାଂମାଂଟା ବିଡ଼’ ବେଡ଼’ ନେନ୍ । ମାଂ ନିକ ମୁନାଂ ଡୁତଂନେନ୍ ଗାଜାଗୁ ବେଡ଼’ । ଜୁଜୁ ଜୁଜୁ ସୁଲ’ବ୍‌ନେନ୍ ମଡ଼ଗୁସୁ ଗିଲେଗୁ ମିଅ’ ବୁଲୁଗୁ ପିଗୁଂ ଉଡାଂମ୍ ନିତ୍‌ରେ ପିଡି’ ସୁରୟ୍ ନନ୍‌ଲାୟ୍ ଅର’ ଡୁତ । ଡୁ ବିରଂବ’ ମିର’ ମୁଜୁର୍, ମିର’ ପନ୍‌ଡ଼କା,



ଏକଦା ବୁଢ଼ାବୁଢ଼ୀ ଥିଲେ । ତାଙ୍କର ପୁଅ ଝିଅ ନାହିଁ । ଏମିତି କି ଜମିବାଡ଼ି ମଧ୍ୟ ନାହିଁ । କୁଲି କାମ କରି ଚଳନ୍ତି । ଦିନେ ବୁଢ଼ାବୁଢ଼ୀ ଆଲୋଚନା କଲେ ପୋଡୁଚାଷ କରିବା ପାଇଁ ଏବଂ ପୋଡୁଚାଷ କଲେ । ସେଠାରେ କୋଡ଼ା ଖୋସା କରି ଗୋଟିଏ ବର୍ଷା ପଡିବା ସଙ୍ଗେ ସଙ୍ଗେ ଧାନ, ମାଣ୍ଡିଆ, ସୁଆଁ, ଅଳସି, ବିରି, କାନ୍ଦୁଲ, ଡଙ୍ଗରାଣୀ, ମକା, ବୋଇତାଲୁ, କାକୁଡ଼ି, ସିମ୍ବ, ଝୁଡ଼ଙ୍ଗ, ଲାଉ ପରି ଅନ୍ୟାନ୍ୟ ମଞ୍ଜି ବୁଣି ଦେଲେ । କି ସୁନ୍ଦର ହୋଇ ଗଜା ହୋଇଗଲା । ଦେଖୁ ଦେଖୁ ଗଛ ଗୁଡ଼ିକ ବଢ଼ିଗଲା, କେଣ୍ଡା ଧରି ପାଚିବାକୁ ଲାଗିଲା । ବୁଢ଼ା ପ୍ରତିଦିନ ପଶୁ ପକ୍ଷୀ ଗୋଡ଼ାଇବାକୁ ଜଗିଥାଏ ।

ମିର’ କଟିମ୍ ମିଅ’ମୁୟ୍ ଗଲିଆ ପିଡି’ ମାୟ୍‌ଗୁସୁ ମିସ୍‌ତେ ଡୁଡି’ ନେନ୍ ଡୁଗୁ । ଉଡାଂମ୍ ତ ନିତ୍‌ରେ ବିରଂବ’ ଅର’ଡୁଗୁନି ଏରାନ୍ ଡେମ’ କେରଂ ସା’ମେଲ୍ ମୟ’ ସମ୍‌ନାୟ୍ ଡିଅ’ ବିଚାର୍ ଡେମ’ ନେନ୍ । ଗଲିଆ ସୁନ’, “ଉଙ୍ଗାଂମ୍ ଡିଏନ୍‌ବ’ ଉଜି’ନୁ ଡିର୍‌ଗି’ ଇୟାନାୟ୍ । ମୁଜୁର୍ ମୟ’ରିଂ, କଟିମ୍ ତୁନୁ ବାଜେଏ’, ପାନ୍‌ଡ୍‌କା କୁଟ୍‌ବ’, ନିଂ ସୁଲ’ବ ଲେୟ୍‌ଗୁ ଜୁଜୁଡୁଲଂ ନେୟ୍ ଡିଅ’। ଇତଂ’ ବିଚାର୍ ଡେମ’ ଏତଂନେନ୍ ନିତ୍‌ରେ ଉଜି’ ମୟ’ ସସମ୍‌ନେନ୍ ଡୁଗୁ । କଟିମ୍ ଆକା ବୁତଂଗୁ ମିଅ’ ସୁନ’, “ପେନ୍ ସିନା ମଇତର୍ ସବୁଲକ୍ ଉଡେୟ୍‌ଗୁ ମ’ଗୁ ଉୟ୍‌ଲଂପେନ୍ ନିଂ ଏରାନ୍ ଡେଲଂନିଂ ।



ସେହି ପାହାଡ଼ରେ ଗୋଟିଏ ମୟୂର, ଗୋଟିଏ କାପ୍ତା, ଗୋଟିଏ କଟିମ୍ ଆଉ ଗୋଟିଏ କଜଳପାତି ଚଢ଼େଇ ମିଶି ଶୋଉଥିଲେ । ବୁଢ଼ା ତ ପ୍ରତିଦିନ ପାହାଡ଼ରେ ଜଗି ରହୁଛି କିପରି ଧାନ, ମାଣ୍ଡିଆ ତୋଳି ଖାଇବେ ବୋଲି ବିଚାର କଲେ । କଜଳପାତି କହିଲା, “ବୁଢ଼ା ଘର ଗଲା ପରେ ଯିବା । ମୟୂର ତୋଳି ଆଣୁ, କଇଁଛ ତାହା ଭାଜୁ । କାପ୍ତା ଥୁଣ୍ଟା ଖୁଣ୍ଟରେ, ମୁଁ ଗଛରେ ବସି ଦେଖୁଥିବୁ ବୋଲି କହିଲା । ଏହି ପରି ବିଚାର କରି ଏମାନେ ପ୍ରତିଦିନ ଯାଇ ତୋଳି ଖାଉଥିଲେ । କଇଁଛ କିନ୍ତୁ ଡରିଲା ଆଉ କହିଲା, “ତୁମର ସିନା ସାଙ୍ଗ ଡେଣା ଅଛି ଉଡ଼ି ଚାଲିଯିବ ମୁଁ କେମିତି ଯିବି ।”

ମାୟ୍‌ନୁ ସାମ ଅଂଅ’ ତୁ ତିନ୍ ଲକ୍ ସୁନ’ନେନ୍ ଅନମ୍ ଅବ’ସୁ ନେୟ୍ ଉଡେୟ୍‌ଗୁ ମ’ଗୁ ଉୟ୍‌ଲଂନେୟ୍ କିନା ନମ୍ ଚିନ୍‌ତା ଆର୍ ଡେମ’ ।ମୁସନ୍ ଏତଂନେନ୍ ରୁମା’ କାନ୍ଦୁଲ, ମୟ’ନେନ୍‌ନି । ସେସେର୍ ସେର୍‌ଗୁ ନେନ୍ ଉର୍‌ଲୁ ମୁଜୁର୍ ସୁର୍‌ଲୁ ସାର୍‌ଲା ବାଜେୟ୍‌ରେ କଟିମ୍ ମର୍ ଡେଂଗୁ ମୁର୍‌ମୁରା ସୁଲ’ବ’ ଲେୟ୍‌ଗୁ ଜୁରେ ଗଲିଆ ଲା’ୟ୍ ଉରା’ ଲା’ୟ୍ ଉରା’ାତୁ ବେଲା ଉଡାଂମ୍ ମ’ଗୁପିଗୁଂ । ମୁଜୁର୍, ଗଲିଆ, ମିଅ’ ପାନ୍‌ଡ଼କା ଉଡ଼େୟ୍‌ଗୁଉଜି’ନେନ୍ । କଟିମ୍ ଲାୟ୍ ଅମ୍‌ତୁର’ ବେଡ଼’ସୁ । କଟିମ୍ ବୁତଂଗୁ ସୁ ବର’ଲେୟ୍‌ଗୁ । “ତୁମ’ବ’ ଅବ’ ରିଲଂନେୟ୍ ଡିଅ’ ପେନ୍‌ରେ ମିତାୟ୍ ବନ’ତା’ଇ ମିତାୟ୍ ।



ତା କଥା ଶୁଣି ସେହି ତିନି ଜଣ କହିଲେ ତୁମକୁ ପାଟିରେ ଧରି ଉଡ଼ାଇ ନେଇଯିବୁ । ତୁମେ କିଛି ଚିନ୍ତା କର ନାହିଁ । ଦିନେ ଏମାନେ ବିରି, କାନ୍ଦୁଲ, ତୋଳୁଛନ୍ତି । ଗୀତ ଗାଇଲେ, “ଉର୍‌ଲୁ ମୟୂର ସୁର୍‌ଲୁ ସାର୍‌ଲା, ଭାଜରେ କଇଁଚ ନ କରି ହେଲା, ଗଛରେ ବସି ଦେଖୁଥା କଜଳପାତି ନାହିଁ କେହି ନାହିଁ କେହି,” । ଠିକ୍ ସେହି ସମୟରେ ବୁଢ଼ା ଆସି ପହଁଚିଗଲା । ମୟୂର, କଜଳପାତି, କାପ୍ତା ଉଡ଼ି ପଳାଇଲେ । କଇଁଛକୁ ଛାଡ଼ି ଦେଲେ । କଇଁଛ ଡ଼ରିଗଲା ଓ କାନ୍ଦିଲା, “ପାଟିରେ ଧରି ଯିବୁ ବୋଲି କହିଲରେ ସଙ୍ଗାତ କାହିଁ ତ ସଙ୍ଗାତ; । ଗୋଡ଼ରେ ଧରି ଯିବୁ ବୋଲି କହିଲରେ ସଙ୍ଗାତ କାହିଁତ ସଙ୍ଗାତ । ଘୁଁ.. ଘୁଁ.. ଘୁଁ..”

ସୁସୁଂ ବ' ଚିପା' ରିଲଂ ନେୟ୍ ଡିଅ' ପେନ୍‌ରେ ମିତାୟ୍ ବନ'ତାଇଲି ମିତାୟ୍ ଗୁଁ ଗୁଁ ଗୁଁ ।" ଉଡାଂମ୍ କଟିମ୍ ଲାୟ୍ ସବ' ବୁଅ' ସୁଂଅ' ମିଅ' ଡିଏନ୍‌ବ' ରିଂଗି କୁନି'ଲାୟ୍ ଡଡୟ୍ ଲାୟ୍ ସୁନ' କୁନି' ଗିନ୍‌ଡେମ' ନିଂ ଆର୍ ଡୟଁ ନିଂ ଉଡାଂମ୍ ସୁଂଅ ବେ' ଆତୁ ଡିଅ'। ଉଡାଂମ୍ ସ'ଅଲ୍, ବିତି' ମରିଚ୍ ଲୁଡ଼' ଡୟଁସୁଂଅ' । କଟିମ୍ ସେଲିଲାୟ୍ ଇନିଂବ' ଅଲା'ବେଡ଼' ବିରଂବ' ମ'ଗୁଉଜି' । କୁନି' ତୁ ବେଲା ଇ'ତାଂ ସୁଂମୁଡୁଗୁ । ସେଲିମା'ନୁ ବାସ୍‌ନା ମାୟ୍‌ନୁ ମି'ବ' ଉଜି' । କୁନି' ଉଜି' ଇ ନିଂନୁ ସେଲିଲାୟ୍ ତଅ'ସୁ ମୁୟ୍ ଗନ୍‌ଦାଲାୟ୍ ସୁଗେଂ' ଜୁଅ' । ଅମା'ୟ୍ ବଡ଼େ ନିମାନ୍ ବାସ୍‌ନା ବେଡ଼' ।



ବୁଢ଼ା କଇଁଛକୁ ଧରିଲା ଓ ମାରି ଦେଇ ଘରକୁ ନେଇଗଲା ଏବଂ ବୁଢ଼ୀକୁ ରୋଷେଇ କରିବା ପାଇଁ କହିଲା, ବୁଢ଼ୀ ଘୃଣା କରି ରୋଷେଇ କରିବାକୁ ମନାକଲା । ସିଆଡ଼େ ଫୋପାଡ଼ି ଦେବାକୁ କହିଲା, କିନ୍ତୁ ବୁଢ଼ା ତେଲ, ମସଲା, ଲୁଣ, ଲଙ୍କା ମାଗି ରୋଷେଇ କଲା । କଇଁଛ ମାଂସକୁ ଶିକାରେ ରଖି ଦେଇ ବଣକୁ ଚାଲିଗଲା । ବୁଢ଼ୀ ସେହି ସମୟରେ ଗୋବର ସଫା କରୁଥିଲା । ମାଂସ ତରକାରୀର ବାସନା ତାର ନାକରେ ପଡ଼ିଲା । ସେ ଯାଇ ଶିକାର ମାଂସକୁ କାଢ଼ିଲା ଓ ଗୋଟିଏ ମାଂସ ଖଣ୍ଡକୁ ଶୁଙ୍ଘି ଦେଖିଲା । ତାକୁ ବହୁତ ବଢ଼ିଆ ଲାଗିଲା ।

ଆଲେ ଚାକେୟ୍‌ତୁନିଂ ଡିଅ’ ମୁୟ୍‌ର’ ସମ’ । ବଡ୍ରେ ସୁବୁଲ୍ ଲାଗେୟ୍‌ଗୁ । ଇଡିକନ୍ ଇଡିକନ୍ ଡେମ’ ସର୍‌ତେସେଲି ସମ’ବେଡ଼୍’ ତିର୍‌ଗି’ ସାରାସାରି ପାତ୍‌ଲି ସାଲ୍ ସାଲ୍ ଡୁଗୁ ଡୁବେଲା ପାତ୍‌ଲି ଆ’ଗୁ  କୁନି’ନୁ ସାର୍‌ମ’ବ’ ବଂଗୁ । ଉଡାଂମ୍ ପିପିଂବେଲା କୁନି’ ରାଗୁ ଡାଲ୍‌ଗୁ ଡୁଡି’ଗୁ ଡୁଡୁ । ଉଡାଂମ୍ ସୁନ’ କୁନି’ ମାଂ ଡେଂଗୁନମ୍ । କୁନି’ ସୁନ’ ନମ୍‌ସା ଉଡାଂମ୍ କଟିମ୍ ସେଲି ଡୟଁ’ନମ୍ । ସେଲିମା’ ଗିରେମ୍ ସମ୍ ସମ୍ ଡୁଗୁ । ଅମାୟ୍ ନନନ୍ ଉଜି’ନୁବେଲା ଅନିଂ ରାପ୍‌ଡ୍ରେୟ’ ବେଡ଼୍’ । ଉଡାଂମ୍ ସୁନ’ ଆଲେ କୁନି’ ମାଂଟା ଡେଡେମ୍‌ନୁ ଡୁନୁ ଡେଂଗୁଉଜି’ । ଡ ଦିସାରି ଡେନୁବ’ ଅନମ୍ ସିଡ୍ରଂ ଲୁଡ଼୍’ ବେ’ ତୁନିଂ ।



କାହିଁ ଚାଖି ଦେଖିବି କହି ଚାଖି ଦେଖିଲା ବଡ଼ ସୁଆଦିଆ ହୋଇଛି ବୋଲି ଟିକେ ଟିକେ କାଢ଼ି ସବୁତକ ମାଂସ ଖାଇଦେଲା । ପରିଶେଷରେ ମାଂସ ହାଣ୍ଡିକୁ ମୁହଁ ପୂରାଇ ଚାଟୁଥିବା ସମୟରେ ହାଣ୍ଡିଟି ଭାଙ୍ଗିଯାଇ ବୁଢ଼ୀର ମୁହଁରେ ବାଜିଗଲା । ବୁଢ଼ା ଆସିବା ବେଳେ ବୁଢ଼ୀ କମ୍ବଳ  ଘୋଡ଼େଇ ଶୋଇଥିଲା । ବୁଢ଼ା କହିଲା, ବୁଢ଼ୀ କ’ଣ ହେଲା । ବୁଢ଼ୀ କହିଲା ତୁମେ ବି ବୁଢ଼ା କଇଁଛ ମାଂସ ରୋଷେଇ କଲ ତାକୁ ବିଲେଇ ଖାଉଥିଲା ତାକୁ ଗୋଡ଼ାଇବାକୁ ଯାଇଥିଲି କିନ୍ତୁ ବିରାଡ଼ି ମୋତେ ରାମ୍ପୁଡ଼ି ଦେଲା । ବୁଢ଼ା କହିଲା ହଉ ଯାହା ହବାର ଥିଲା ହୋଇଗଲା, ଚାଲ ବଇଦ ପାଖକୁ ତୋତେ ଔଷଧ ମାଗିଦେବି ।

# ଦରମ୍ ଅଦରମ (ଧର୍ମ ଅଧର୍ମ)

ମୁସନ୍ ମୁୟ୍‌ଲକ୍ ବନ୍ ଆଲୁଂ ସରଗି ନେନ’ ଆଲାଲ୍ ବେଲା ମୁୟ୍‌ର’ ଡୁର୍‌କା ଜଲା ଆଲୁଂ ବର’ଡୁଗୁ । ତୁ ଲକ୍ ଅଂଅଂସୁ ଜଲା ଆଲୁଂ ଉଜି’ ଜୁଅ’ ଡୁର୍‌କା ମୁୟ୍ ମଡ଼ ବିରେନ୍ ଚାପାୟ୍‌ଗୁ ବେଡ଼ିଡୁତୁ । ମାୟନୁ କାକୁର୍‌ତି ଜୁଜୁ ମର୍‌ଗଗୁଂ ବିରେନ୍ ନେନ’ ତଅ’ ବେବେ’ ଲାୟ୍ ଜଲାଆଲୁଂ ଉଜି’ସୁନେନ’ ବେଡ଼’ । ତୁ ବେଲା ଡୁର୍‌କା ଲକ୍‌ଲାୟ୍ ସୁନ’ “ନିଂ ସାତ୍‌ଦିନ୍ ଡେଂଗୁ ଅରନ୍ ସମ୍‌ସମ୍‌ନିଂ ଉରା’ । ଉସଂ ନିଂ ଅନମ୍ ସମ୍‌ତୁନିଂ” । ଲକ୍ ସୁନ’ “ଏନୁ ନିଂ ମାଂ ଦରମ୍ ଡେମ’ ? ମାଂ ଡେମ୍ ବିରେନ୍ ନେନ’ ତଅ’ ବେଡ଼’ ନିଂ । ଡୁର୍‌କା ସୁନ’ ମାପ୍‌ରୁସା ଅନିଂ କୁଡୁଗୁନୁ ବେଲାଅ’ ଅନମ ବାୟଁ,” ।



ଦିନେ ଜଣେ ଲୋକ ବଣରେ ସରଗି ଫୁଲ ଗୋଟାଇ ବୁଲିବା ସମୟରେ ଗୋଟିଏ ବାଘ ଝରଣା ପାଖରେ ରଡ଼ି କରୁଥିଲା । ସେହି ଲୋକ ଶୁଣି ଝରଣା ତଳକୁ ଯାଇ ଦେଖିଲା ଗୋଟିଏ ବାଘ ବଡ଼ ପଥର ଫାସରେ ପଡ଼ି ଯାଇଛି । ତା’ର କାକୁତି ମିନତି ସହି ନ ପାରି ପଥର ଘୁଞ୍ଚାଇବାକୁ ତଳକୁ ଗଲା ଓ କାଢ଼ିଦେଲା । ସେହି ସମୟରେ ବାଘ ଲୋକଟିକୁ କହିଲା, ମୁଁ ଗୋଟିଏ ସପ୍ତାହ ହେଲା କିଛି ଖାଇ ନାହିଁ । ଆଜି ମୁଁ ତୋତେ ଖାଇବି । ଲୋକଟି କହିଲା, “ଏହା ମୁଁ କି ଗୋଟିଏ ଧର୍ମ କାମ କଲି ? କାହିଁକି ପଥର କାଢ଼ିଦେଲି” ।

ତୁ ବେଲା ଆତୁ’ ମୁୟ୍ ଗୁଲାୟ’ ପିଗୁଂ । ଗୁଲାୟ’ ଲାୟ୍ ସାଲାଗ’ ଜୁ ନାୟ୍ ଡେୟ’ ଡିଅ’ ସବୁ ସୁନ’ନେନ୍ । ଗୁଲାୟ’ ସବୁ ଅଂଅ’ ସୁ ସୁନ’ ନର୍ ଲକ୍ଲାୟ୍ ବିମାସ୍ଉର’ । ଜୁଜୁନମ୍ ଉରା’ ଅନିଂ ଅଡୁବ୍ ଏଲ୍ ସୁୟ’, ସଗଡ଼ ତଲ’ ସବୁ ଡେମ’ ବୁଢ଼ା ଡେଂଗୁ ଡିଅ’ ଆ’ ସମ୍ସମ୍ ଲାୟ୍ ଡର୍ବେଢ଼’ ବିରଂବ’ ଅମ୍ତୁର ବେଢ଼’ । ଏନୁ ଦରମ୍ କି ? ତୁ ଡି’କେ ଏନୁ ଆର୍ ଡେମ୍ତ’ ଡିଅ’ ମୁୟ୍ ଗିମେ’ ଲାୟ୍ ସାଲାଗ’ନେନ୍ । ଗିମେ’ ସା ତୁୟ୍ତ ସୁନ’ । ଆ’ ଏରାନ୍ ଡେମାନା’ୟ୍ ଡିଅ’ତୁଡି’ କେ ମୁୟ୍ ବାବାଜି ଉଜି’ ଅମା’ୟ୍ ସାଲା’ଗ୍ ନା’ୟ୍ ଡିଅ’ ବାବାଜିନୁ ଅ’ଡନ୍ ଉଜି’ନେନ୍ ।



ବାଘ କହିଲା ଭଗବାନ ମଧ୍ୟ ମୋତେ ଭୋକ ହେଉଥିବା ସମୟରେ ତୁମକୁ ପଠାଇଛି । ସେହି ସମୟରେ ସେହି ପାଖ ଦେଇ ଗୋଟିଏ ବଳଦ ଆସିଲା । ବଳଦକୁ ଆଗ ପଚାରିବା ବୋଲି ସବୁ କଥା କହିଲେ । ବଳଦ ସବୁ ଶୁଣିଲା ପରେ କହିଲା, "ମଣିଷମାନଙ୍କୁ ବିଶ୍ୱାସ ନାହିଁ" ଦେଖୁନାହଁ ମୋତେ ଭେଣ୍ଡିଆ ସମୟରେ ହଳ କଲା, ଶଗଡ଼ ବାନ୍ଧିଲା, ସବୁ କଲା । ବୁଢ଼ା ହୋଇଗଲି ବୋଲି ଖାଇବାକୁ ନ ଦେଇ ବଣରେ ଛାଡ଼ିଦେଲେ । ଏହା କି ଧର୍ମ । ସେଠାରେ ଏହା ହେଲା ନାହିଁ ବୋଲି ଗୋଟିଏ ଛେଳି ପାଖରେ ଯାଇ ପଚାରିଲେ, ଛେଳି ମଧ୍ୟ ସେହିଭଳି କହିଲା । ଏବେ କ'ଣ କରିବା ବୋଲି ଭାବିବା ବେଳେ ସେଠାରେ ଗୋଟିଏ ବାବାଜି ଗଲା ।

**ବାବାଜି ତୁ ବେଲା ଡୁଡୁଗାଂ ବାଜାଡୁଗୁ । ତିର୍ ଗି' ଉମ୍‌ବାର୍ ଜୁ ସବୁ ସୁନ' ନେନ୍ । ବାବାଜି ସୁନ' ନିଂ ପେନ୍ ଏରାନ୍ ଡେଗୁଂ ଜୁଜୁନିଂ ଉରା' ଜୁଅ'ନା ସିନା ସୁନ୍‌ତୁନିଂ । ତୁ ଦାପେ ଡୁର୍‌କା ଜଲା ଆଲୁଂ ଉଜି' ବିରେନ୍ ଅ'ସିନ୍ ଡୁତି'ଗୁ  ବେଡ' ଲକ୍ ମାୟ୍‌ନୁ ତବ୍‌ନାଂ ବିରେନ୍ ଚାପା' ବେଡ଼' । ଡୁର୍‌କା ଗୟ୍‌ଗୁନିଂ ଗୟ୍‌ଗୁନିଂ ଡିଅ' ବର'ଡୁଗୁ । ତୁ ବେଲା ବାବାଜି ଲକ୍‌ଲାୟ ସୁନ' ଏ ବକୁଆ, ସେଲି ସମ୍‌ସମ୍‌ନୁ ଜନ୍‌ତବଡ଼ଂ ବିସାସ୍ ଆର୍ ଡେଡେମ୍ । ଜିବନ୍ ସମ୍‌ତୁ ଇୟାଂବେ ଆ" ନମ୍ ଡିଏନ୍ ବ' ଡୁଂଆ"।**



ତାକୁ ପଚାରିବେ ବୋଲି ବାବାଙ୍କ ନିକଟକୁ ଗଲେ । ବାବା ସେହି ସମୟରେ ଲାଉର ବୀଣା ବଜାଉଥିଲେ; ପରେ ଦୁଇଜଣ ମିଶି ସବୁ କଥା କହିଲେ । ବାବା କହିଲା ତୁମେମାନେ କ'ଣ ହେଲ ମୁଁ ଦେଖିନାହିଁ । ଦେଖିଲେ ସିନା ବିଚାର କରି କହିବି  । ସେହି ସମୟରେ ବାଘ ଝରଣା ତଳକୁ ଗଲା, ବଡ଼ ପଥର ତଳେ ଶୋଇପଡ଼ିଲା । ଲୋକଟି ବାଘ ଉପରେ ପଥର ଚେପାଇ ଦେଲା । ବାଘ ମରିଗଲି ମରିଗଲି କହି ରଡ଼ି କରିବାକୁ ଲାଗିଲା । ସେହି ସମୟରେ ବାବା ଲୋକଟିକୁ କହିଲେ "ମାଂସ ଖାଉଥିବା ଜୀବଙ୍କୁ ବିଶ୍ୱାସ କର ନାହିଁ । ଜୀବନ ଖାଇଥାନ୍ତା ଏବେ ତୁମେ ଘରକୁ ପଳାଅ ।"

# ଢ଼େକାଲନୁ ଦୁକ୍‌ବ’ କଲିଆ ବୁକେଇତ’ ହୁକେ ଅ..
# (ବନ୍ଧୁ ହରାଇବାର ଦୁଃଖ)

ଡେକାଲ ସୁ କଲିଆ ଦୁଇ ମଇତର ଡୁଗୁନେନ୍ । ଡଂବାର୍‌ଜୁ ନୁ ବେସି ବିଡ଼ାନ୍ ଦୁଇଲକ ଦୁଇଲକ ପୁଲାଇ ମର୍ ଜୁଅ’ନା ଆର୍ ଗଆଂ ନେନ୍ । ସସମ୍ ଲେଲେଇ୍ ଡୁଡ଼ି’ ମଡ୍‌ମ’ ସବୁବ’ ମିସ୍‌ତେ ଯେମ୍ ତାରି ଡାବୁନୁ ଦୁଇତାଡିଆ ମାଇ’ନୁ ଚାୟ’ ସୁ ମାୟ୍’ । ମୁସନୁ ସାମ ପୁଷ ଆର୍‌କେନୁ କୁସ୍ ମୁସିଆ ରୁଅଁ ନେରି ତର୍ ତରେଇ ଉଇ’ ଡୁତ । ଅନ୍‌ଜିର୍ ନୁ ଜିଲ୍‌କି’ ନାନ’ବ’ ଡଂବାର୍‌ଜୁ କିଣ୍ଡା ପାଲି ପାଲି ଆଲାଲ’ ତୁର୍‌ଗୁ ନେନ୍ । ନାଡ଼ା’ ନାଡ଼ା’ ଡଂବାରଜୁନୁ କାକର ଡ଼ା’ କିମାନ୍ ନୁ ସାମ ତୁର୍‌ଗୁ । ଡେକାଲ କଲିଆ ପୁଲାଇ ସୁନ’ ମଇତର ନମ୍ ଆଗାଡ଼ି କିମାନା । କଲିଆ ସୁନ୍’ ଡେକାଲ ପୁଲାଇ ମଇତର ନମ୍ ଆଗାଡ଼ି କିମାନା । ଏମ୍‌ତାରି ଡଂବାର୍‌ଜୁ ନମ୍.. ନମ୍.. ନମ୍.. ନମ୍.. ଡେଂଗୁ ଉଜି’ ନେନ୍ ।



ଢ଼େଲା ଓ ବିଲୁଆ ଦୁଇ ସାଙ୍ଗ ଥିଲେ । ଦୁହିଁଙ୍କ ସଂପର୍କ ଅତି ନିବିଡ଼ । ଦୁହେଁ ଦୁହିଁଙ୍କୁ ତିଳେ ନ ଦେଖିଲେ ରହି ପାରନ୍ତି ନାହିଁ । ଖାଇବା, ବସିବା, ଶୋଇବା ଉଠିବା ସବୁ ଜାଗାରେ ଏକାଠି । ଯେପରି ଦୁହେଁ ଟଙ୍କାର ଦୁଇ ପାର୍ଶ୍ୱ, ଦୁହିଁଙ୍କର ଘନିଷ୍ଠ ସଂପର୍କ । ଦିନକର କଥା, ପୌଷ ମାସର ହାଡ଼ ଭଙ୍ଗା ଶୀତ । ଦେହ ଥରି ଯାଉଥାଏ । ସକାଳର ଉଦୁଉଦିଆ ଖରାରେ ଦୁହେଁ ନଦୀ କୂଳେ କୂଳେ ବୁଲିବାକୁ ବାହାରିଲେ । କୌତୁହଳରେ ଦୁହିଁଙ୍କ ମଧ୍ୟରେ ଥଣ୍ଡା ପାଣି ଗାଧୋଇବା କଥା ପଡ଼ିଲା । ଢ଼େଲା ବିଲୁଆକୁ କହିଲା, ସଙ୍ଗାତ ପ୍ରଥମେ ତମେ ଗାଧାଅ ।

ସାରାସାରି ଢ଼େକାଲ ଆଗାଡ଼ି କିମାନ୍ ପୁଲାଇ ଉଜି' ସୁ କିଂଡା'ବ' ଇର' ବେଡ'। କଲିଆ ସାର୍‌ଦା ଡେଂଗୁ ତାପ୍‌ଲି ପିଟେ' ଇର' ଇର' ସୁ ମେ'ଡି'ମଂ ତ' ଆଲୁଂ ଡି' ପୁଟୁ ପୁଟୁ ଡେଙ୍ଗୁ ପଅ' ଟିଂ ନେନ୍ ମାଲ୍ ମୁନାଂ ଡେଂଗୁ ତୁର୍‌ଗୁ। ଯେମ୍‌ତାରି ଡା' ଆଲୁଂ ଆ'ଡଂଗ ଡଂଗନ୍ ନେନ୍ ଡେକାଲ୍ ପୁଲାଇ ସାରିମାଲା ବେଡ଼' ସାର୍‌ଦାଗୁ ଆୟ' ନେନି' ଚନେକ ଉଜି'ନୁ ପଚେ ସବୁୟାକ ଡା' ପଅ'ଟିଂ ଡଂବ' ମଡ୍‌ଗୁ ଉଜି' କିଂଡ'ନୁ ଡା' ଚିମ୍‌ରା ଡେଂଗୁ ଉଜି'। ସତୟ୍ ଯେମ୍‌ତାରି ମାୟ'ମା'ଟା ମାମା' ଉରା। କଲିଆ ଅର'ନୁ ବେଲା ଗାଟିୟ୍ ଡେଂଗୁ ଉଜି' କଲିଆନୁ ମନ'ବ' ଏରୁ ଏରୁ ବୁତ୍ଂ ପିଂଗୁ।



ବିଲୁଆ କହିଲା ଢ଼େଲାକୁ ସଙ୍ଗାତ ତମେ ପ୍ରଥମେ ଗାଧାଅ। ଏମିତି ଦୁହିଁଙ୍କ ମଧ୍ୟରେ ତମେ.. ତମେ.. ତମେ.. ତମେ.. ହୋଇଗଲେ। ଶେଷରେ ଢ଼େଲା ପ୍ରଥମେ ଗାଧେଇବାକୁ ଯାଇ ନଦୀ ଭିତରକୁ ଲମ୍ଫ ମାରିଲା। ବିଲୁଆ ଖୁସିରେ ତାଳି ମାରି ଡେଇଁ ଡେଇଁ ନାଚୁଥାଏ। ପାଣି ଭିତରୁ ବୁଡୁ ବୁଡୁ ହୋଇ ପାଣି ଫୁଟୁକା ଗୁଡ଼ିକ ମାଳ ମାଳ ହୋଇ ବାହାରୁ ଥାଏ। ଯେପରି ପାଣି ଭିତରକୁ ମାଛ କଙ୍କଡ଼ା ମାନେ ଢ଼େଲାକୁ ଫୁଲମାଳ ଦେଇ ସ୍ୱାଗତ କରୁଛନ୍ତି। କିଛି ସମୟ ପରେ ସମସ୍ତ ପାଣିଫୋଟକା କୁଆଡେ ଉଭେଇ ଗଲା। ନଦୀ ଜଳ ଶାନ୍ତ ହୋଇଗଲା। ସତେ ଯେମିତି ସେ କିଛି ଜାଣି ନାହିଁ।

**ମାୟ୍‌ନୁ ନେରୀ ତର୍ ତରେଇ’ ଲାଗେଇ ଗୁ । ମା’ବିଲ୍‌କି’ ଡେଙ୍ଗୁ ମା’ୟ୍‌ନୁ ମଇତର ପୁଲାଇ ତତର୍ ଲାଗେଇଗୁ । ମାୟ’ ବିଲ୍‌କି ଡେଂଗୁ କିଂଡ୍ ପୁଲାଇ ଗୁଆରି ଡେମ’ ଏ କିଂଡା.. ଏଡା’ ନିଂନୁ ମଇତର ପୁଲାଇ ବାୟ’ ଇନ୍‌ଡ଼େ ନିଂନୁ ମଇତର ପୁଲାୟ୍ ବାୟ’ ଇନ୍‌ଡ଼େ’ । ଡିର୍‌ଗି’ ମାୟ’ ଆ’ୟ୍ ଲାଗେଇ ଗୁ । ଏମଇତ ବନ’ ଡୁତୁନମ’ ବାଉଡ଼େଇଗୁ ଉଲ ଏ ମଇତର ବନ’ ତୁତୁନମ’ ବାଉଡେଇଗୁ ଉଲ । ଉତୁନ୍ ପୁଲାଇ କଲିଆ ନେନ୍ ତୁ ଦୁକ୍ ଏତା’ ଆ’ ସା କଲିଆ ନେନ୍ ହୁକେ.. ଅ.. ହୁକେ.. ଅ.. ଆଉଲି ଡେମ୍ ତ’ ନେନ୍ ।**



ବିଲୁଆର ଅପେକ୍ଷା କରିବା ସୀମା ଟପିଗଲା । ବିଲୁଆର ମନରେ ନାନା ଆଶଙ୍କା ଘେରି ଆସିଲା । ତା’ର ଛାତିରେ ସ୍ପନ୍ଦନ ବଢ଼ିବାରେ ଲାଗିଲା । ସେ ବିଚଳିତ ହୋଇ ତା’ର ବନ୍ଧୁକୁ ଖୋଜିବାରେ ଲାଗିଲା । ସେ ବିକଳରେ ନଦୀକୁ ଗୁହାରୀ କରିଲା । କହିଲା ହେ.. ନଦୀ, ହେ.. ଜଳ ମୋର ବନ୍ଧୁକୁ ଫେରାଇ ଦିଅ, ମୋର ବନ୍ଧୁକୁ ଫେରାଇ ଦିଅ । ଶେଷରେ ସେ ଡାକିବାକୁ ଲାଗିଲା “ଏ ବନ୍ଧୁ କାହିଁ ଅଛ ଫେରି ଆସ, ହେ ବନ୍ଧୁ କାହିଁ ଅଛ ଫେରିଆସ”। ଯାହାକି ବିଲୁଆମାନେ ସେହି ଦୁଃଖକୁ ମନେ ପକେଇ ଏବେ ମଧ୍ୟ ହୁକେ ହୋ.. ହୁକେ ହୋ.. ରଡ଼ି ଛାଡ଼ନ୍ତି ।

# ମାଡିଆ ଡୁମାନୁ ସାମ (ମାଡ଼ିଆ ଭୂତ କଥା)

ଦିନେକ୍ ଗିରେମ୍ ଉଂଗମ୍‌ନୁ ସମାରୁ ଆଟ୍‌ବ’ ଉୟ୍ ଲାୟ୍ ମନ୍ ଡେମ’ । ଅଂଜିରେଲ୍ କିମାନ୍ ସାରେୟ୍‌ଗୁ ଡିଆର ପିଆର ଡେଂଗୁ ସମ’ଇଡ’ ଆଟ ବ’ ତୁର୍‌ଗୁ । ଆଟ୍‌ବେ’ ଉୟ୍‌ନୁ ଆଗ୍‌ତୁ ମାୟ୍’ ନୁ ଅନ’ ଅନ୍‌ଡେୟ୍ ଲାୟ୍ ସୁନ’ ବୁଡି ପେନୁ ୟଂଗ୍ ପିଂଗୁନା ସୁନ’ବେ ଆବା ଆଟ୍‌ବ’ ଉଜି ଡିଅ’ । ବୁଡି ସୁନ’ ଉଁ ଆବା ସୁନ୍‌ତୁ ନିଂ । ସମାରୁ ଡିଏନ୍‌ଡି’ ତୁର୍‌ଗୁ କେଡ଼େ ପର ଉୟ୍‌କେ ବୁଡି ଚଇତ୍ ପରବ୍ ନୁ ସାମ’ ଏତା’ । ବୁଡି ପରବ୍ ପୁଲାୟ୍ ଡିମେ ପାଟାୟ, ଗାଜୁଲ୍, ଟିକା, ମାଂମାଂଟା ସବ’ରିଂ ରିଂ ଲାୟ୍ ଆବା ଲାୟ୍ ସୁନ୍‌ତୁନିଂ ଡିୟ’ ଡୁଂଗୁ । ଆବା ଉଜି’ନୁ କୁରୁଂ ବନ୍ ଆଲୁଂ ଡୁଂଗୁ ।



ଦିନେ ଗିରେମ୍ ଗାଁର ସମାରୁ ହାଟକୁ ଯିବା ପାଇଁ ମନସ୍ତ କଲା । ସକାଳ ସମୟରେ ଗାଧୋଇ ସାରି ସଜବାଜ ହୋଇ, ଖାଇ ପିଇ ହାଟକୁ ବାହାରିଲା । ହାଟକୁ ଯିବା ପୂର୍ବରୁ ତା’ର ଝିଅକୁ କହିଲା, “ଝିଅ ତୋର ମାଆ ଆସିଲେ କହିଦେବୁ ମୁଁ ହାଟକୁ ଯାଇଛି ବୋଲି ।” ଝିଅ କହିଲା, “ହଁ, ବାପା କହିଦେବି”। ସମାରୁ ଘରୁ ବାହାରି କିଛି ସମୟ ଗଲାପରେ ଝିଅକୁ ଚଇତ ପରବ କଥା ମନେ ପଡ଼ିଲା । ଝିଅ ପରବ ନିମନ୍ତେ ନୂଆ ଲୁଗା, ଚୁଡି, ଟିକିଲି ଇତ୍ୟାଦି କିଣି ଆଣିବା ପାଇଁ ବାପାଙ୍କୁ କହିବ ବୋଲି ଧାଇଁଲା । ବାପା ଯାଇଥିବା ରାସ୍ତାରେ ଜଙ୍ଗଲ ଭିତରକୁ ଧାଇଁଗଲା । କିନ୍ତୁ ବାପାଙ୍କର ଦେଖା ପାଇଲା ନାହିଁ ।

ସିନା ଆବା ତୁନାଲ୍ ଉରା । ମାୟ୍’ ଗାଟିଅ ସୁଲଂ ଯାକ ବନ୍ କୁରୁଂବ’ ଗାଇଗୁ ଉଜି । ଇତ’ ସା ଆବା ଲାୟ୍ ଆର୍ ଜୁତ । ସାରା ସାରି ଆଉଲି ଗୁ ସୁ ଆୟ’ । ଆବା.. ଏ ଆବା, ଆବା.. ଏ ଆବା, ଡିଅ ଆୟ’ ଆୟ’ ଡୁଗୁ ନୁ ପଚେ ବନ୍ ଆଲୁଂ ଡି ଉତାର୍ ଫିତ’, ଉଁ.. । ବୁଡି ମିଅ’ ଆୟ୍ତ ଆବା.., ଅନିଂ ତିମେ ପାଟାୟ୍ ରିଅଁ’ ଇଂଡ୍ରେ । ଉତାର୍ ଫିତ ଉଁ । ବୁଡି ମିଅ’ ଆଇତ ଆବା.. ଏ ଆବା, ଅନିଂ ଗାଜୁଲ୍, ମାଲି ମାଂ ମାଂ ଟା ରିଂଅ’ ଇଂଡେ’ । ବୁଡି ମାଂଟା ସୁନ’ନାସା ଉଁ.. ଡିଅସୁ ଉତାର ମିଲେୟ୍ ତ ।ଅନ’ ଅ’ନ୍ଡେୟ୍ ସାରଦା ଗୁସୁ ଏଡିଏନ୍ବ’ ତୁ ଡିଏନ୍ବ’ ଆଲ୍ ଆଲ୍ ଡୁତ’ । ଆପୁଂ ଡେୟ୍ ତିମେ ତିମେ ଦିନ୍ସୁ ରିଅଁ’ ବେ’ତୁ ଡିୟ’ ।



ସେ ବହୁତ ଦୂର ପର୍ଯ୍ୟନ୍ତ ଜଙ୍ଗଲ ରାସ୍ତାରେ ପଶିଗଲା, ତଥାପି ବାପାଙ୍କୁ ପାଇଲା ନାହିଁ । ଶେଷରେ ଜୋର୍‌ରେ ରଡ଼ି ଛାଡ଼ି ଡାକିଲା, ବାପା.. ଏ ବାପା.., ବାପା.. ଏ ବାପା.. । ଏମିତି ବାରମ୍ବାର ଡାକିଲା ପରେ ଜଙ୍ଗଲ ଭିତରୁ ଉତର ମିଳୁଥାଏ ହଁ.. । ଝିଅ ପୁଣି ଡାକ ଛାଡ଼ି କହେ ବାପା.. ମୋତେ ନୂଆ ଲୁଗା ଆଣିଦିଅ.. । ଉତ୍ତରରେ ଆସେ ହଁ.., ଝିଅ ପୁଣି ଡାକେ ବାପା.. ଏ ବାପା, ମୋତେ ଚୁଡି ଆଣିଦିଅ, ମାଳି ଆଣିଦିଅ ଇତ୍ୟାଦି । ଝିଅ ଯାହା କହିଲେ ହଁ ବୋଲି ଉତ୍ତର ମିଳୁଥିଲା । ଝିଅ ଖୁସିରେ ଯା ଘରକୁ ତା ଘରକୁ ବୁଲୁଥାଏ, ବାପା ତା’ର ନୂଆ ଜିନିଷ ଆଣିଦେବେ ବୋଲି । ଧିରେ ଧିରେ ସୂର୍ଯ୍ୟ ଅସ୍ତ ହେବାରେ ଲାଗିଲା ।

ଦିରେ ଦିରେ ସିଁ ଲେଲେ'ୟ୍ ଲେ'ଗୁ । ଙଂଗମ୍ ଡାଂଡ୍ ଏଲ୍ ବାଣ୍ଡି ଗୁଲାୟ୍' ନେନ୍ ନୁ ବାଁ ବାଁ ବର' ନୁ ଅଂ ଅଂ । ଦିରେ ଦିରେ ନୟ' ଡାଲ' ପି ପିଂ ଡୁଗୁ । ଙଂଗମ୍ ଯାକନୁ ଡିଏନ୍ ଏଲ୍ ଲିମ୍ ଲିମ୍ କୁପିନୁ ତାରାସ୍ ତୁନାଲ । ଙଂବ ଡିକେ ମିର' ଲୋକ ପିଂଗୁ ସମାରୁ ନେନୁ ଡାଂଡ୍‌ବ' ତୁନାନ୍ ଗୁ ଡୁତୁ । ସମାରୁ ନୁ କି ମୟ୍' ଙଂଡୟ କାବାଡ୍‌ବ' ଦାଂଦା । ଅଲପ୍ ସାର୍‌ଲଂ ଅଁୟ୍ ଅଁୟ୍ ମର୍ ଡେମ୍‌ତେ ସମଉୟ୍ ଡୁତ' ତୁ ଲକ୍ । ସେଡ଼କି ବେଲା ଡୁଅଁ ପିଂଗୁ ଅନ' ଅନ୍ ଡେୟ୍ । ଲାୟ୍‌ନୁ ଡିଏନ୍ ବ' ଉଜି ଡୁଗୁ କି ଆରେନ୍ ଆଲେ ? ଇୟଂ ଲାୟ ଉଜି ସାଲାଡ', ୟଂଗ୍ ୟଂଗ୍ ଆବା ଅନିଂ ଲାୟ୍ ମାଂ ମାଂଟା ରିଅଁ ଡୁତୁ ? ୟଂ ସୁନ', "ନମ୍‌ନୁ ଆପାଂ ସମସ୍ ଲେ'ଗୁ ଡୁତୁ ସାଲା'ୟା ।



ଗାଁ ଦାଣ୍ଡରେ ଗାଈ ଗୋରୁ ମାନଙ୍କର ହମ୍ବା ରଡ଼ି ଶୁଭିଲା । ଧିରେ ଧିରେ ଅନ୍ଧକାର ମାଡ଼ି ଆସୁଥାଏ । ଗାଁ ଯାକର ଘର ଦୁଆରେ ମିଞ୍ଜି ମିଞ୍ଜି ଦ୍ୱୀପର ଆଲୁଅ ଦେଖା ଯାଉଥାଏ । କେଉଁ ଆଡୁ ଜଣେ ଲୋକ ଆସି ସମାରୁ ଦାଣ୍ଡରେ ଦଣ୍ଡାୟମାନ ହୋଇଅଛି । ସମାରୁର ସ୍ତ୍ରୀ ରୋଷେଇ କାମରେ ବ୍ୟସ୍ତ । କିଛି କଥାବାର୍ତ୍ତା ନ ହୋଇ ବାରଣ୍ଡାରେ ପିଢ଼ା ପକେଇ ବସିଲା । ନିଜ ସ୍ୱାମୀ ଭାବି କେତେ କଥା କହିଯାଉଛି ସମାରୁର ସ୍ତ୍ରୀ । ହାଟରୁ ଭୋକରେ ଆସିଅଛି ସ୍ୱାମୀ ଭାବି ତର ତର ହୋଇ ରାନ୍ଧି ଖାଇବାକୁ ଦେଲା । କିନ୍ତୁ କିଛି କଥାବାର୍ତ୍ତା ନ ହୋଇ ଖାଇ ଯାଉଥାଏ ଲୋକଟି । ଠିକ୍ ବେଳେ ଧାଇଁ ଆସିଲା ଝିଅ । କାହା ଘରେ ଯାଇଥିଲା କେଜାଣି ? ମା' କୁ ଯାଇ ପଚାରିଲା, "ମାଁ ମାଁ ବାପା ମୋ ପାଇଁ କ'ଣ କ'ଣ ଆଣିଛନ୍ତି ?

ବୁଡି ଉଜି ଜୁଅ' । ମ' ଜଡେକ୍ ସୁଅଁଲ୍ ମୁନାଂ, ମି' ଡେଂଗ୍ ମାୟ୍'ନୁ ଜତ୍ ରଂଗ୍ ସାର୍ତେ ଏରୁ । ବନୁ ସମ'ନା ଉନୁ ଗି'ଡାଂ କୁରୁଂ ତୁର୍ଗୁ ଉଜିନି । ବୁଡି ସାଲା'ତୁ ମାଂଟା ? ବୁତଂ ଗୁ ସୁ ଇୟଂ ଡେୟ୍ ନୁ ବ'ଉଜି ସୁ ସୁନ' ୟଂଗ୍ ଏନୁ ତ ଆବା ଆର ଡେମା । ଅଲା'ୟ୍ ସସମ୍ ଲାୟ୍ ବେଡ' ଡୁତୁ ନମ୍ । ୟଂ ଡେୟ୍ ଦିରେ ଉଜି ଜୁଅ । ବରସ୍ ଡେଂଗୁ ତିତିବ' ସୁଅଁଲ ଉମ୍ଲା ସବ' ତୁ ଲକ୍ ଲାୟ୍ ବୁଅ' । ୟଂ ଅ'ଅନ୍ ଦୁଇ ଲକ ଯାକ ଆଉଲି ଗୁ ନେନ୍ । ସାଇ ଗୁଲାୟ୍ ନୁ ଲକ ପିଂଗୁ ନେନ୍ । ମା'ୟ୍ ଉଂବ କି ମ'ଗୁ ଉଜି । ସବୁ ଲକ୍ ସୁସୁନ୍ ଲେ'ଗୁ ନେନ୍ ଉନୁ ମାଡିଆ ଡୁମା ପିଂଗୁ ଡୁଗୁ । ତେଡ଼େ ବେଲା ସମାରୁ ଆଟ୍ ସାରା'ସୁ ଡିଏନ୍ ବ' ଆଂଡେୟ୍ଗୁ । ୟଂ ଅ'ଅନ୍ ବର' ତାଂଡାଲ୍ ଡେଂଗୁ ନେନ୍ । ସାୟ ବ ଆଉଲି ଗଉଲି ବଳ ବଂଦ ଢ଼େଂଗୁ ।



ମା' କହିଲା ତୋର ବାପା ଖାଇ ବସିଛି ପଚାରିବୁ ଯା । ଝିଅ ଯାଇ ଦେଖିଲା, ଆଖି ଦୁଇଟି ଉଜ୍ଜ୍ୱଳ, ନାକ ଲମ୍ୱା, ଆବ ଭାବ ପୂରା ଅଲଗା । ଯାହା ଖାଉଛି ସେ ସବୁ ପଛଆଡେ ଗଳି ଯାଉଛି । ଝିଅ ପଚାରିବ କ'ଣ ? ଡରି ଯାଇ ଧିରେ ଧିରେ ମାଁ ପାଖକୁ ଯାଇ କହିଲା, ମା' ଏ ତ ବାପା ନୁହଁନ୍ତି । କାହାକୁ ଖାଇବାକୁ ଦେଇଛୁ । ମା' ଧିରେ ଯାଇ ଦେଖିଲା ସାହାସ ବାନ୍ଧି ହାତରେ ନିଆଁ ମୁଟୁଳା ଧରି ଲୋକଟିକୁ ବାଡ଼େଇଲା । ମାଁ ଝିଅ ଦୁଇଜଣ ପାଟିକଲେ, ସାହି ଲୋକ ଧାଇଁ ଆସିଲେ । ସେ କୁଆଡ଼େ ଉଭାନ ହୋଇଗଲା । ସମସ୍ତେ କହିବାକୁ ଲାଗିଲେ "ମାଡ଼ିଆ ଡୁମା" ଆସିଥିଲା । ଏତିକି ବେଳେ ସମାରୁ ହାଟ ସାରି ଘରକୁ ଫେରିଲା । ମା' ଝିଅ କନ୍ଦାକଟା ହେଲେ, ସାହିରେ ହୋ ହାଲା ବନ୍ଦ ହେଲା ।

# କୁଟ୍‌ରୁଂଗା ପିଡିଗ୍ (କୁଟୁରୁଂଗା ଚଢ଼େଇ)

ମିର' ଡଂଗମ୍ ବ' ଡଂଡାମ୍ କୁନି' ଦୁଇଲକ ଡୁ ଡୁଗୁନେନ୍ । ମା' ନେନୁ ଅଅ'ନ ଅଡଂାଇ ଉରା' । ଡଂଡାମ୍ କୁନି' ବଢ଼େ ଆଲଦ୍‌ରେ ଗିସିଂ ବନ୍‌ତ ନେନ୍ । ମା' ନେନୁ ଡିଏନ୍ ବ' କାବ୍‌ରା ଚିତ୍‌ରା ଗିସିଁ' ଗାଟିୟ ଡୁତ । ଗିସିଂ ପୁଲାୟ ଡଂଡାମ୍ ନୁ ଗାଟିୟ ଲବ୍ । ଆରେନ୍‌ଶା ଡଂନ୍‌ଡୟ ଡଂନ୍‌ଡ଼ୟ ଗିସିଂ ଜଲ ମିଲେଇଗୁନା କି ? କୁନି' ଆରେନ୍ ସା ଗିସିଂ ନେନୁ ଇସାବ୍ ଡେମ'ଡୁତ । ଡଂଡ଼ାମ ଯେଡ଼େବେଲା ଗିସିଂ ସେଲି ସାମ ସୁନ୍‌ତ'କୁନି' ଆଉଲି ଡେମ୍‌ତ । ଦିନେକ ଡଂଡାମ୍ ଗିସିଂ ସେଲି ଜଲ ସସମ' ଲବରେ ମି'ର ଉପାୟ ତର' । କୁନି' ପୁଲାଇ ସୁନ' ନା'ନୁତ ଅଅ'ନ ଅନ୍‌ଡାଇ ଉରା' । ଅନାୟ୍ ଆବା ଇଂଗ୍ ଡ଼ିୟ' ସୁସୁନ୍'ନୁ ଲକ୍ ଲାୟ'ଉରା' । ସବୁ ଲକ୍ ଆବା ଇଂଗ୍ ସାମ ଅଂଗ୍‌ତ ନେନ୍ । ସିନା ନାୟ'ନୁ ମାଂ ବାଗ୍ୟ କି ମାଂଟା ଉଟଂଗ୍ ବାକ ଆବା ଇଂଗ୍ ମର୍ ଡେଂଗୁ ନାୟ' । ଡଂଡାମ୍ ନୁ ସାମ ପୁଲାଇ କୁନି' ସା ଦୁକ୍ ଡେମ' । ତୁ ବେଲା ଡଂଡ଼ାମ୍ ସୁନ' ନାୟ' ଗିସିଂ ବନ୍ ବନ୍ ବାଦୁଲ୍ କୁଟ୍‌ରୁଂଗା ପିଡ଼ିଗ୍ ବନ'ନା ତୁନୁ ଅ' ମାଂଗ୍ ଡିଅ'ନା ମାୟ' ଅନାୟ'ଆବା ଇଂଗ୍ ଆୟ' ଲକ ମୁନାଂଗ୍ ସାମ ସୁନ୍‌ତ ସେତ୍‌କିସା ଅଅଁ ସୁ ସାର୍‌ଦା ଡେମାନାୟ୍' । କୁନି' ସାଲାଡ଼ ତୁ ପିଡିକ୍ ଡଂବନ୍' ମିଲେଇତ' । ଡଂଡାମ୍ ସୁନ' ତୁଦିନେ ଉଜି'ନିଗ୍ ଡୁଗୁ । ତୁବିରଂ ନୁ କସମେ ସୁଲବ'ବ' ଅବ୍‌ଡାଲ'ନୁ ଜୁଅ' ନିଂ ।



ଗୋଟିଏ ଗାଁରେ ବୁଢ଼ା ବୁଢ଼ୀ ଦୁହେଁ ରହୁଥିଲେ । ସେମାନଙ୍କର ପିଲାଛୁଆ ନାହିଁ । ବୁଢ଼ା ବୁଢ଼ୀ ବଡ଼ ଆଦରରେ କୁକୁଡ଼ା ପାଳନ୍ତି । ତାଙ୍କ ଘରେ ବହୁତ ରଙ୍ଗ ବେରଙ୍ଗ କୁକୁଡ଼ା ଭରପୁର ଥାଏ । କୁକୁଡା ପ୍ରତି ବୁଢ଼ାର ଲୋଭ । ଯେମିତି ମଝିରେ ମଝିରେ କୁକୁଡ଼ା ଝୋଳ ମିଳନ୍ତା କି ? ବୁଢ଼ୀ କିନ୍ତୁ କୁକୁଡା ମାଂସ କଥା କହେ । ବୁଢ଼ୀ ଝଗଡ଼ା କରେ । ଦିନେ ବୁଢ଼ା କୁକୁଡା ମାଂସ ଝୋଳ ଖାଇବା ଲୋଭରେ ଏକ ଉପାୟ ବାହାର କଲା । ବୁଢ଼ୀକୁ କହିଲା "ଆମର ତ ପିଲାଛୁଆ ନାହିଁ । ଆମକୁ ବାପା ମା' କହିବା ଲୋକ କେହି ନାହିଁ । ସମସ୍ତେ ବାପା ମା' ଡାକ ଶୁଣୁଛନ୍ତି । କିନ୍ତୁ ଆମର କି ଭାଗ୍ୟ କେ ଜାଣି ଆଜି ପର୍ଯ୍ୟନ୍ତ ବାପା ମା' ହୋଇ ପାରିଲୁ ନାହିଁ । ବୁଢ଼ାର କଥାରେ ବୁଢ଼ୀ ମଧ୍ୟ ବହୁତ ଦୁଃଖ ପ୍ରକାଶ କଲା । ଏତିକି ବେଳେ ବୁଢ଼ା କହିଲା, ଆମେ କୁକୁଡ଼ା ପାଳିବା ବଦଳରେ କୁଟୁରୁଂଗା ଚଢ଼େଇ ପାଳିବା ତାହା ହେଲେ, ସେ ଆମକୁ ବାବା ମା ଡାକିବେ, ମଣିଷ ପରି କଥା ହେବେ । ସେତିକି ହେଲେ ଶୁଣି ଖୁସି ହେବା । ବୁଢ଼ୀ ପଚାରିଲା ସେ ଚଢ଼େଇ କେଉଁଠି ମିଳିବ । ବୁଢ଼ା କହିଲା, ସେ ଦିନ ଯାଇଥିଲି । ସେ ଜଙ୍ଗଲ ପାଖ କୁସୁମ ଗଛରେ ପିଲା ଫୁଟେଇ ଥିବା ଦେଖିଲି । ବୁଢ଼ୀ ପଚାରିଲା ସେ ଚଢ଼େଇ ମାନେ କ'ଣ କ'ଣ ସବୁ ଖାଆନ୍ତି ?

କୁନି’ ସାଲାଡ଼ ତୁ ପିତିଗ୍ ନେନ୍ ମା’ ମା’ଟା ସମ୍‌ତ’ ନେନ୍ ? ଉଂଡାମ୍ ସୁନ’ ।   ମାୟ’ ନେନ୍ ନିନି କେରଂଗ୍ ରୁକୁ’ନୁ ଲାଇ ମିୟ’ ଦେସି ଗିସିଂ ସେଲି ବଲ ସମ୍‌ତ’ ନେନ୍ । କୁନି’ନୁ ମନ୍‌ବ’ ତିନ୍‌ତା ଡେଂଗୁ ମନ୍ ମର୍ ଡେଂଗୁ ନାସା ମୁସୁନ୍ ମଡେଇଗୁ । କୁନି ସପୁର ରୁକୁ’ ନୁ ଲାଇ ମିୟ’ ବନ’ନୁ ଗିସିଂ ସେଲି ଡୟ୍’ ସେଲି ମା’ନୁ ନିକ ନିକ ସେଲି ତଅ’ ସୁ ପିଡ଼ିକ୍ ନେନ୍ ପୁଲାଇ ମି’ର’ ଚଂଗ୍‌ଡା ବ’ ବଅ’ ଉଂଡାମ୍ ନୁ ତିତିବ’ ବାୟ୍’ ବେତ’ । ଏମ୍‌ତାରି ସବୁଦିନେ କୁନି’ନିକ ଡେମ’ ଡଂୟ’ ଗିସିଂ ସେଲି ବଲ ମିୟ’ ସପୁର ରୁକୁ’ନୁ ଲାଇ ବାୟ୍‌ତ ।



ବୁଢ଼ା କହିଲା ସେମାନେ ନିନି ଧାନ ଚାଉଳର ଭାତ ସାଙ୍ଗକୁ ଦେଶୀ କୁକୁଡ଼ାର ମାଉଁସ ଝୋଳ ଖାଆନ୍ତି । ବୁଢ଼ୀ ମନରେ ଭାଳେଣୀ ପଡ଼ିଗଲା ଇଚ୍ଛା ନ ହେଲେ ବି ହଁ କରିବାକୁ ପଡ଼ିଲା ।  ବୁଢ଼ୀ ସରୁ ଚାଉଳର ଭାତ ସାଙ୍ଗକୁ ପାଳିଥିବା କୁକୁଡ଼ାରୁ ଗୋଟେ ମାରି ମନ ଦେଇ ରାନ୍ଧିଲା । ମାଉଁସ ତରକାରୀରୁ ଭଲ ଭଲ ମାଉଁସ କାଢ଼ି ଚଢ଼େଇ ମାନଙ୍କ ନିମନ୍ତେ ଏକ ଟୋକେଇରେ ସଜେଇ ବୁଢ଼ା ହାତରେ ପଠେଇଲା । ଏ ପରି ସବୁଦିନ ବୁଢ଼ୀ ଭଲ କରି ରାନ୍ଧି ବାଢ଼ି କୁକୁଡ଼ା ମାଉଁସ ଝୋଳ ସାଙ୍ଗକୁ ସରୁ ଚାଉଳର ଭାତ  ପଠାଏ ।

**ସବୁଦିନ୍ ଉଂଡ଼ାମ୍ ପିଡିକ୍ ନେନ୍ ପୁଲାଇ ଡିଅ’ ସୁ ରିଂଗ୍ତ ମିୟ’ ମନ୍ ଡେମ’ସୁ, ସୁଲୟ୍ ପୁରନ୍ ସମ୍ତ, ସୁ ସୁଲୟ୍ ବ’ ତାମ୍ଡେଇ ତାମ୍ଡେଇ ଗୁ ଡିଏନ୍ ବ’ ପିଂଗ୍ତ । ଡିଏନ୍ବ’ ପିଂଗୁନା କୁନି  ପିଡିକ୍ ନେନୁ ବଲ ଆସାର ସାଲାଆ’ ତ’ । ଉଂଡାମ୍, କୁନି’ ପୁଲାୟ’ ମିର’ ନୁ’ ଜଡେକ୍ ଡେମ’ ମନ୍କେ ମଜା ନାଡା’ ସୁ ସାମ ସୁନ୍ତ’ । କୁନି’ ସାର୍ଦା ଡେଂଗୁ ଉଇତ୍ । ଉଂଡାମ୍ ଲାଡେ ଡୁଡି’ଗୁ ଗିସିଂ ସେଲି ଲାଇ ଜିରାତ’ । ଡିଏନ୍ ବ’ ଗିସିଂ ସାରେଇଗୁ ଉଜି’ ନେନି । ଉଂଡାମ୍ ଦୁମ୍ ଦୁମା ନେରିଗୁ ସଅ’ଲ ମୁନାଂଗ୍ ଡେଂଗୁଉଜିନି । ମୁସନ୍ କୁନି’ ଉଂଡ଼ାମ୍ ପୁଲାଇ ସାଲାଡ଼’ ପିଡ଼ିଗ୍ ନେନ କେଡେକ୍ କେଡେକ୍ ଡେଂଗୁ ନେନ୍ବେ ।**



ସବୁଦିନ ବୁଢ଼ା ଚଢ଼େଇ ମାନଙ୍କୁ ଦେବା ଆଳରେ ନିଏ ଏବଂ ମନ ଭରି ପେଟ ପୁରା ଖାଇ ପେଟକୁ ଆଉଁସୀ ଘରକୁ ଫେରେ । ଘରକୁ ଫେରିଲେ ବୁଢ଼ୀ ଚଢ଼େଇ ମାନଙ୍କର ଭଲ ମନ୍ଦ ପଚାରେ । ବୁଢ଼ା, ବୁଢ଼ୀକୁ ଗୋଟିଏକୁ ଦୁଇଟା କରି ମନ ମତାଣିଆ ମିଛ କଥା କହେ । ବୁଢ଼ୀ ଖୁସି ହୋଇଯାଏ । ବୁଢ଼ା ଆରାମରେ ଶୋଇ କୁକୁଡା ମାଉଁସ ଭାତ ହଜମ କରେ । ଘରେ କୁକୁଡା ସରିଗଲେଣି । ବୁଢ଼ା ମୋଟା ଶୋଟା ହୋଇ ଦୁମ୍ ଦୁମା ଚିକ୍କଣ ହୋଇ ଗଲାଣି ।  ଦିନେ ବୁଢ଼ୀ, ବୁଢ଼ାକୁ ପଚାରିଲା, ଚଢ଼େଇ ଗୁଡ଼ିକ କେଡ଼େ କେଡ଼େ ହେଲାଣି । ବୁଢ଼ା କହିଲା, ବଡ଼ ବଡ଼ ହୋଇଗଲେଣି, ଆସନ୍ତା କାଲି ଯିବା, ଆଉ ଚଢ଼େଇମାନଙ୍କୁ ଧରି ଆଣିବା ।

ଊଂଡାମ୍  ସୁନ’ ମଡ଼ ମଡ଼ ଢ଼େଂଗୁ ନେନ୍ । ବିଏର୍ ଉୟାନାୟ’ ମିୟ’ ପିଡ଼ିଗ୍ ନେନ୍ ପୁଲାଇ ସବ’ ଉଲନାୟ୍’ ଆର୍କ ଦିନେ ଅଜିରେଲ୍ ଊଂଡାମ୍ କୁନି’ ଦୁଇ ଲକ ବିରଂ କୁରୁଂ ଉଜିନେନ୍’ । ସୁଲବ’ ବୁନ୍‌ଦେ ଉଜି’ନୁ ପଚେ କୁନି’ ସାଲାଡ’ ବନ’ତୁ ପିଡିଗ୍ ନେନ୍ ? ଊଂଡାମ୍ ସୁନ’ ତୁ ସୁଲବ୍ ପଲକା ଆଲୁଂଗ୍ ଡୁତୁ ନେନ୍ ।  ଅନମ ଜୁଅ’ସୁ ଲାଜ୍ ଢ଼େଂଗୁ ନେନି । ନମ’ ସୁଲବ’ ଜଗ୍‌ତ ବ’ ବ’ ଚାଟ୍‌ନା ସବ’ ତୁନନ୍‌ଗୁ ଡୁକା । ତରକ୍‌ଗୁ ଡୁକା ଏତେକ୍ ଦିନ୍ ପିଡିଗ୍ ନେନ୍ ସମ’ସୁ ନେରି ଡେଂଗୁ ଡୁତୁ ନେନ୍ । ଡ଼ାଟାମ୍ ଡେମ’ ସବ’ ଡୁକା । ନିଂ ସୁଲବ ତବ୍‌ନାଂ ଉଜି’ ପିଡ଼ିକ୍ ନେନ୍ ପୁଲାଇ ଚାଟ୍‌ନାବ’ ଅବ’ଲେୟ ବେତୁନିଂ । କୁନି’ ଚାଟ୍‌ନା ସବ’ ସୁ ତୁନାନ୍‌ଗୁ ଡୁଗୁ ।



ଆର ଦିନେ ସକାଳେ ବୁଢ଼ା, ବୁଢ଼ୀକୁ ନୂଆ ଟୋକେଇ ଧରିବାକୁ କହିଲା । ବୁଢ଼ା ବୁଢ଼ୀ ଦୁଇଜଣ ଜଙ୍ଗଲ ଆଡ଼କୁ ଚାଲିଲେ । ଗଛ ପାଖକୁ ଗଲା ପରେ ବୁଢ଼ୀ ପଚାରିଲା, କାହିଁ, କୁଆଡ଼େ ସେ ଚଢ଼େଇମାନେ ? ବୁଢ଼ା କହିଲା ସେ ଗଛ କୋରଡ଼ରେ ଅଛନ୍ତି । ତୁମକୁ ଦେଖି ଲାଜ କରୁଛନ୍ତି । ତୁମେ ଗଛ ତଳେ ମୁଣ୍ଡରେ ଟୋକେଇ ଧରି ଠିଆ ହୋଇ ରୁହ । ସାବଧାନ, ଏତେ ଦିନ ଚଢ଼େଇମାନେ ଖାଇ ମୋଟା ଶୋଟା ହୋଇଛନ୍ତି । ସମ୍ଭାଳି ଧରିଥିବୁ । ମୁଁ ଗଛ ଉପରକୁ ଯାଇ ଚଢ଼େଇମାନଙ୍କୁ ଟୋକେଇରେ ବସାଇ ଦେବି । ବୁଢ଼ୀ ଟୋକେଇ ଧରି ଠିଆ ହୋଇ ରହିଥିଲା ।

ଊଂଡାମ୍ ସୁଲବ୍ ତବ୍ନାଂ ଡାଂଇ’ ଗୁ ସୁ ଚାଟ୍ନା ବ’ ଦିରେ ଲେୟ’ଗୁ ବେଡ’ । ନମ୍ ଦିରେ ଦିରେ ସବ’ୟ । ନିଂ ସୁଲବ୍ ଡିକ୍’ ଜର୍ଗୁ ନମ୍ନୁ ମଚେ ମଚେ ପିଲଂନି୍ । ଊଂଡାମ୍ ଚୁପ୍ଗୁ ଲେୟ୍ଗୁ । ଡିଏନ୍ ଉଇନୁ କୁରୁଂବ’ ଅଅ’ନ ଅନ୍ଡାୟ’ ଆବାୟ୍ ନେନ୍ ଡୁଗୁ । ଊଂଡାମ୍ ପୁଲାଇ କୁନି’ ତେୟଁସୁ ରିରଂ୍ ନୁ ଜୁଅ’ସୁ ତାପ୍ଲି ମାରେଏସୁ ଲୁଡ଼୍ଗୁ ମେଏଡିଂଗୁ ନେନ୍ । ଉଡାମ୍ ପୁଲାଇ ତେୟଡୁତୁ କୁନି’ ଊଂଡାମ୍ ଉଜି’ନି କୁନି’ନୁ ତବ୍ନାଂଗ ଲେୟ୍’ଗୁ । ଅଅ’ନ୍ ଅନ୍ଡାୟ୍ ନୁ କଲ୍ କଲା ଅଅଁସୁ କୁନି’ ରିସାରେ ଦୁଂଗ୍ ଦୁଂଗ୍ ମୁର୍ ମୁର୍ ଡେଂଗୁ ଚାଟ୍ନା ସୁଅ’ ବେଡ଼’ । ଉଡାମ୍ ଲଦ୍ନା ଲ’ଗୁ ବେଡ’ କୁନିଂ ଦୁଇଲତ ବୁଅ’ ତୁ ପଚେ.. ତୁ ପଚେ.. ।



ବୁଢ଼ା ଗଛ ଉପରେ ଚଢ଼ି  ଟୋକେଇରେ ଧିରେ ବସି ପଡି କହିଲା, ତୁମେ ଧିରେ ଧିରେ ନେଇଯାଅ । ମୁଁ ଗଛରୁ ଓହ୍ଲାଇ ତୁମ ପଛେ ପଛେ ଯିବି । ବୁଢ଼ା ଚୁପ୍ ଚାପ୍ ବସିଲା । ଘରକୁ ଫେରିବା ବାଟରେ ପିଲାମାନେ ଖେଳୁଥିଲେ । ବୁଢ଼ାକୁ ବୁଢ଼ୀ ମୁଣ୍ଡେଇ ଆଣୁଥିବା ଦେଖି ତାଳି ମାରି ହସି ନାଚିଲେ । ବୁଢ଼ାକୁ ବୋହୁଛି ବୁଢ଼ୀ, ବୁଢ଼ା ଯାଉଛି ବୁଢ଼ୀର ଉପରେ ଚଢ଼ି । ପିଲାମାନଙ୍କର ହୋ ହାଲା.. ଶୁଣି ବୁଢ଼ୀ ରାଗରେ ଗଦ୍ ଗଦ୍ ହୋଇ ଟୋକେଇକୁ ଫିଙ୍ଗି ଦେଲା । ବୁଢ଼ା ଦୁଲ୍‌କରି ପଡ଼ିଲା । ବୁଢ଼ୀ ଦୁଇ ଲାତ୍ ମାରିଲା ।

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର